ଆଜି - ବୁଧବାର
ତାରିଖ - ୨୨ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୬
ତିଥି - ନବମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ସ୍ୱାତୀ, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୩: ୦୦
ସୂର୍ଯ୍ୟାସ୍ତ - ୬ : ୨୩: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ବ୍ୟାସାୟ ବିଷ୍ଣୁରୂପାୟ ବ୍ୟାସରୂପାୟ ବିଷ୍ଣବେ ।
ନମୋ ବୈ ବ୍ରହ୍ମବିଧେୟ ବଶିଷ୍ଠାୟ ନମୋନମଃ । ।


E-News : www.Ajikali epaper.com

Vol.- 41 ISSUE- 99 R.N.I. REGD. No. 44026/86 ବାଲେଶ୍ୱର ୨୨ ଜୁଲାଇ ୨୦୨୬ ବୁଧବାର BALASORE 22 JULY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ଦକ୍ଷିଣ ମୋଡ଼ ହେଲା ତିନି ରଥ

## ଶରଧାବାଲିରେ ଭକ୍ତଙ୍କ ଭିଡ଼



ପୁରୀ : ମହାପ୍ରଭୁଙ୍କର ନବଦିନାତ୍ମକ ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଂଚିଛି । ଜନ୍ମବେଦିରେ ଲୀଳା ସାରି ରତ୍ନବେଦିକୁ ବାହୁଡ଼ିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ମହାପ୍ରଭୁଙ୍କୁ ପ୍ରତ୍ୟାଗମନ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ତିନିରଥ ଦକ୍ଷିଣାଭିମୁଖୀ ପ୍ରକ୍ରିୟା ଆରମ୍ଭ ହୋଇଛି । ପରମ୍ପରା ମୁତାବକ ହେରା ପଂଚମୀ ପରଦିନ ଅର୍ଥାତ ନବଦିନାତ୍ମକ ଯାତ୍ରାର ଷଷ୍ଠ ଦିନ ରଥର ଦକ୍ଷିଣି ବା ଦକ୍ଷିଣ ମୋଡ଼ ଅନୁଷ୍ଠିତ ହେବାର ବିଧିକୁ ଅନୁସରଣ ପୂର୍ବକ ଆଜି ଅପରାହ୍ଣ ୩ଟା ୧୦ରେ ଆଜ୍ଞାମାଳ ବିଜେ ହୋଇଥିଲା । ଏହା ପରେ ରଥ ନାକଚଣା ଦ୍ୱାର ସମ୍ମୁଖ ଭାଗକୁ ନିଆଯାଇଛି । ତେବେ ନୀତି ବିଳମ୍ବର ପ୍ରଭାବ ଦକ୍ଷିଣମୋଡ଼ ଉପରେ ପଡ଼ିଛି । ଲୋକବିଶ୍ୱାସ ଓ ପରମ୍ପରା ଅନୁଯାୟୀ ଏହି ନୀତିର କେତେକ ସ୍ୱତନ୍ତ୍ର ବିଧି ରହିଛି, ଯାହା ସାଧାରଣ ରଥଟଣାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଦକ୍ଷିଣ ମୋଡ଼ର କିଛି ସ୍ୱତନ୍ତ୍ର ପରମ୍ପରା ରହିଛି । ସାଧାରଣତଃ ରଥଯାତ୍ରା ସମୟରେ ରଥକୁ କେବଳ ସମ୍ମୁଖ ଭାଗରୁ ଟଣାଯାଏ ଏବଂ ରଥ କେବେହେଲେ ପଛକୁ ଫେରେନାହିଁ । ମାତ୍ର ଦକ୍ଷିଣ ମୋଡ଼ ବେଳେ ରଥର ଉଭୟ ଆଗ ଓ ପଛ ପାର୍ଶ୍ୱରେ ଦଉଡ଼ି ବାନ୍ଧି ଟଣାଯିବାର ବିଧି ରହିଛି । ରଥଯାତ୍ରା ଓ ବାହୁଡ଼ା ଦିନ ବଡ଼ଭାଇ ବଳଭଦ୍ରଙ୍କ ରଥ ପ୍ରଥମେ ଟଣା ହେଉଥିବା ବେଳେ, ଦକ୍ଷିଣ ମୋଡ଼ ସମୟରେ ପ୍ରଥା ମୁତାବକ ଦେବୀ ସୁଭଦ୍ରାଙ୍କ ଦେବଦଳନ ପ୍ରଥମେ ଟଣାଯାଏ । ଏହା ପରେ ଯଥାକ୍ରମେ ବଳଭଦ୍ରଙ୍କ ତାଳଧ୍ୱଜ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇଥାନ୍ତି । ଗୁଣ୍ଡିଚା ମନ୍ଦିରରୁ ନାକଚଣା ଦ୍ୱାରକୁ ରଥ ତ୍ରୟ ସ୍ଥାନାନ୍ତର ହେବା ପରେ ଚତୁର୍ଦ୍ଧା ବିଗ୍ରହଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥାଏ । ଏହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ଶରଧାବାଲିରେ ଭକ୍ତଙ୍କ ଗହଳି ଜମିଥିଲା ।

# ଅଗଷ୍ଟ ୩ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର : ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ଅଗଷ୍ଟ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ସେ ନିଜ ମାଟିରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହି ହାଇପ୍ରୋଫାଇଲ୍ ଗସ୍ତ ପାଇଁ ରାଷ୍ଟ୍ରପତି ଭବନ ପକ୍ଷରୁ ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ପ୍ରଶାସନ ତତ୍ପର ହୋଇଉଠିଛି । ଖୋର୍ଦ୍ଧା, କଟକ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନ ସମେତ ପୁଲିସ ଓ ରେଳବାଇ ବିଭାଗକୁ ସତର୍କ କରାଯିବା ସହ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । କାର୍ଯ୍ୟସୂଚୀ ଅନୁଯାୟୀ, ଗସ୍ତର ପ୍ରଥମ ଦିନ ଅର୍ଥାତ୍ ଅଗଷ୍ଟ ୩ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଂଚି ଲୋକସେବା ଭବନରେ ରହିବେ । ଏହାପରେ ସେ କଟକ ଅଭିମୁଖେ ଯାତ୍ରା କରି ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତେବେ ଗସ୍ତର ଦ୍ୱିତୀୟ ଦିନଟି ବେଶ୍ ଆକର୍ଷଣୀୟ ହେବାକୁ ଯାଉଛି । ଅଗଷ୍ଟ ୪ ତାରିଖ ସକାଳେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ରେଳ ଷ୍ଟେସନ ଅଭିମୁଖେ ବାହାରିବେ । ସେଠାରେ ପହଂଚିବା ପରେ ସଡ଼କ ପଥରେ ଗଞ୍ଜାମର ପ୍ରସିଦ୍ଧ ଶକ୍ତିପୀଠ



ତପ୍ତପାଣି ଯାଇ ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ସେହି ଦିନ ରାତିରେ ସେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ କିମ୍ବା ଅନ୍ୟ କୌଣସି ନିର୍ଦ୍ଧାରିତ ସ୍ଥାନରେ ରାତ୍ରିଯାପନ କରିବେ । ଗସ୍ତର ଶେଷ ଦିନ ଅର୍ଥାତ୍ ଅଗଷ୍ଟ ୫ରେ ସେ ପୁଣି ବ୍ରହ୍ମପୁରରୁ ସ୍ୱତନ୍ତ୍ର ଟ୍ରେନରେ ଭୁବନେଶ୍ୱର ଫେରିବେ ଏବଂ ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ରାଷ୍ଟ୍ରପତିଙ୍କ ଏହି ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରାକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ ସବୁଠାରୁ ଅଧିକ କଡ଼ାକଡ଼ି କରାଯାଇଛି । ଭୁବନେଶ୍ୱର ଓ ବ୍ରହ୍ମପୁର ରେଳ ଷ୍ଟେସନରେ ଭିଭିଆଇପି ରୁଟ୍, କାର୍ଯ୍ୟକାରୀ ଗ୍ରୀନ୍ ରୁମ୍, ଏବଂ ସ୍ୱତନ୍ତ୍ର କୋଚ୍ ବ୍ୟବସ୍ଥା ଉପରେ ରେଳବାଇ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ରଖିଛନ୍ତି ।

# ଏନଡିଏ ସାଂସଦମାନଙ୍କ ମଙ୍ଗଳ ମିଳନ ବୈଠକରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଜଡ଼ିତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି ଯେ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍. ଇ. ଇ. ଟି.) ରେ ଅସଦାଚରଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ମାତ୍ରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ୧୩ ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା । ଏଥିସହ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେପରି ପ୍ରଭାବିତ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ, ପରୀକ୍ଷା ପୁନର୍ବାର ଅନୁଷ୍ଠିତ ହୋଇଥିଲା ଏବଂ ବିନା ବିଳମ୍ବରେ ଫଳାଫଳ ଘୋଷଣା କରାଯାଇଥିଲା । ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ମଙ୍ଗଳବାର ସକାଳେ ସଂସଦ ଭବନ ପରିସରରେ ଜାତୀୟ ଗଣତାନ୍ତ୍ରିକ ମେଂଟ (ଏନଡିଏ) ସଂସଦୀୟ ଦଳର 'ମଙ୍ଗଳ ମିଳନ' ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ଘୋଷଣା କରିଛନ୍ତି । ସଂସଦର ଜି. ଏମ୍. ସି. ବାଲାଯୋଗୀ ଅଡିଟୋରିୟମରେ ଆୟୋଜିତ ଏହି ବୈଠକ ବିଷୟରେ ସୂଚନା ଦେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ



କିରେନ ରିଜିଜୁ କହିଛନ୍ତି ଯେ ଭବିଷ୍ୟତରେ କାଗଜ ଲିକ୍ ଭଳି ଘଟଣାକୁ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ଦୃଢ଼ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଥିଲେ ଯେ ଯେଉଁମାନେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି, ସେମାନଙ୍କୁ ଛଡ଼ାଯିବ ନାହିଁ । ସେ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ କେବଳ ରାଜ୍ୟର ମାମଲା ନୁହେଁ । ଏହା କେବଳ କେନ୍ଦ୍ରର ମାମଲା ନୁହେଁ, ପ୍ରତ୍ୟେକ ରାଜ୍ୟରେ ଯେଉଁଠାରେ କାଗଜ ଲିକ୍ ହେଉଛି, ସମସ୍ତେ ଏହି ବ୍ୟବସାୟରେ ଜଡିତ ଥିବା ଲୋକଙ୍କୁ ଦଣ୍ଡ ଦେବା ପାଇଁ ଏକଜୁଟ ହେବା ଉଚିତ୍ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏନ୍. ଇ. ଇ. ଟି. କ୍ଷେତ୍ରରେ ସମସ୍ତ ଦଳ ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହେବା ଉଚିତ । ଯୁବକମାନଙ୍କ ଭବିଷ୍ୟତ ସହିତ ଯେପରି ସାଲିସ୍ ନହୁଏ, ତାହା ସୁନିଶ୍ଚିତ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଏବଂ ଦଣ୍ଡ ଆଣିବା ପାଇଁ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ପ୍ରଧାନମନ୍ତ୍ରୀ ମୋଦୀ ଏନଡିଏ ସାଂସଦମାନଙ୍କୁ ମୌସୁମୀ ଅଧିବେଶନ ସମୟରେ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ, ଯାହାଦ୍ୱାରା ସେମାନେ ପ୍ରଭାବୀ ଢଙ୍ଗରେ ସରକାରଙ୍କ ପକ୍ଷ ରଖିପାରିବେ ଏବଂ ଗୃହର ସୁଚାରୁ ରୂପେ କାର୍ଯ୍ୟ କରିବାରେ ସହଯୋଗ କରିପାରିବେ ।

## ଅଳ୍ପରେ ଖବର

▸▸ ଡେଙ୍ଗୁ କୁ ପ୍ରତିରୋଧ କରିବା ପାଇଁ 'କ୍ୟୁଡେଙ୍ଗା' ଟିକାକୁ ଅନୁମୋଦନ ମିଳିଛି । ଏହି ଐତିହାସିକ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କୃତଜ୍ଞତା ଜଣାଇଛନ୍ତି ।


▸▸ ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ନେଇ ଜିଲ୍ଲାକୁ ରିପୋର୍ଟ ମଗାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ଫସଲ କ୍ଷୟକ୍ଷତି ନେଇ ବଲାଙ୍ଗୀର ଓ କଟକ ଜିଲ୍ଲାପାଳ ରିପୋର୍ଟ ଦେଇ ସାରିଛନ୍ତି ।

▸▸ ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗଠନ ହେବ ଅଙ୍ଗନବାଡ଼ି ପରିଚାଳନା କମିଟି । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ହୋଇଛି । ତୃଣମୂଳ ସ୍ତରରେ ଅଙ୍ଗନବାଡ଼ି ସେବାଗୁଡ଼ିକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଛି ।

▸▸ ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି । ରାଜ୍ୟରେ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଥିବା ବେଳେ ୧୧ଟି ଜିଲ୍ଲାର ୧ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।

# ୧୪୮ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : 'ସମୃଦ୍ଧ ଓଡ଼ିଶା–୨୦୩୬' ଲକ୍ଷ୍ୟ ପୂରଣ ଦିଗରେ ଆଉ ଏକ ବଡ଼ ପଦକ୍ଷେପ । ରାଜ୍ୟରେ ୧୧ଟି ଜିଲ୍ଲାରେ ୨୩ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏଥିରେ ନିବେଶ ହେବ ୪,୫୭୩.୮୭ କୋଟି । ୨୨ ହଜାର ୮୭୩ ନିଯୁକ୍ତି ସୁଯୋଗ ହେବ ସୃଷ୍ଟି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୮ତମ ରାଜ୍ୟ ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ଅନୁମୋଦନ ମିଳିଛି । ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ଆଇଟି ଓ ଆଇଟିଇଏସ୍, ଗ୍ରୀନ୍ ଏନର୍ଜି, ବ୍ୟାଟେରୀ ଓ ଏନର୍ଜି ଷ୍ଟୋରେଜ୍, କେମିକାଲ୍, ବସ୍ତ୍ର ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ୍, ଔଷଧ ଓ ମେଡିକାଲ୍ ଡିଭାଇସ୍, ଭିତିଭୂମି, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ର ରହିଛି । ଏହା ରାଜ୍ୟର ସନ୍ତୁଳିତ ଶିଳ୍ପ ବିକାଶ ଓ ନୂତନ ବିନିଯୋଗ ଆକର୍ଷଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ



କରୁଛି । ଏଚ୍‌ସିଏଲ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ଖୋର୍ଦ୍ଧା ଜିଲ୍ଲାରେ ୭୩୦ କୋଟି ଟଙ୍କା ବିନିଯୋଗରେ ଏକ ଗ୍ଲୋବାଲ୍ ଡେଭେଲପମେଂଟ ସେଂଟର ସ୍ଥାପନ କରିବ । ଏହା ମାଧ୍ୟମରେ ୬,୦୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପ ଓଡ଼ିଶାର ବିକାଶଶୀଳ ଆଇଟି ପରିବେଶକୁ ଆହୁରି ସୁଦୃଢ଼ କରିବ । ACME Cleantech Solutions Pvt. Ltd. ଗଞ୍ଜାମରେ ୭୭୮ କୋଟି ଟଙ୍କା ବିନିଯୋଗରେ ଆଲ୍କାଲାଇନ୍ ଇଲେକ୍ଟ୍ରୋଲାଇଜର ଉତ୍ପାଦନ କାରଖାନା ସ୍ଥାପନ କରିବ । ଏହା ୪୮୦ ନିଯୁକ୍ତି ସୃଷ୍ଟି ହେବ । ସେହିପରି GGB Battery India Pvt. Ltd. କଟକରେ ୨୦୨.୫୦ କୋଟି ବିନିଯୋଗରେ ଜିଙ୍କ ଆନୋଡ୍ ବ୍ୟାଟେରୀ ଉତ୍ପାଦନ କାରଖାନା ସ୍ଥାପନ କରିବ । ଏଥିରେ ୨୫୪ ନିଯୁକ୍ତି ସୃଷ୍ଟି ହେବ । Envirocare Infrasolution Pvt. Ltd. ଅନୁଗୋଳରେ ୩୫୧ କୋଟି ବିନିଯୋଗରେ ୧୦୦ ମେଗାୱାଟ କ୍ଷମତା ବିଶିଷ୍ଟ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବ । ଏହି ପ୍ରକଳ୍ପ ଦ୍ୱାରା ୬୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପୁରୀ ଓ ବଲାଙ୍ଗୀରରେ ୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି ।

# ଲୋକ କଲ୍ୟାଣ ମାର୍ଗ ପ୍ରତିବାଦ ସ୍ଥଳରେ ରାହୁଲ ଗାନ୍ଧୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ

ଦିଲ୍ଲୀ: ଲୋକ କଲ୍ୟାଣ ମାର୍ଗରେ କଂଗ୍ରେସର ପ୍ରତିବାଦ ସମୟରେ ରାହୁଲ ଗାନ୍ଧୀଙ୍କୁ ଭେଟିବା ବିଷୟରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, 'କଂଗ୍ରେସ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ଅନ୍ୟ ବରିଷ୍ଠ ନେତାମାନେ ହଠାତ୍



ପ୍ରତିବାଦ ଆରମ୍ଭ କରିଥିବା ଜାଣିବାକୁ ମିଳିଛି । ଏହା ମଧ୍ୟ ରିପୋର୍ଟ ହୋଇଥିଲା ଯେ ସେହି ସ୍ଥାନଟି ଧାରଣା ପାଇଁ ବହୁତ ଉପଯୁକ୍ତ ନୁହେଁ । ଏହା ଜନସାଧାରଣଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ କରୁଥିଲା । ସରକାର ନିଷ୍ପତି ନେଇଥିଲେ ଯେ ମୁଁ, କେନ୍ଦ୍ରୀୟ ଗୃହ ସଚିବଙ୍କ ସହିତ, ସେହି ସ୍ଥାନକୁ ଯିବି ଏବଂ ଏହି ବରିଷ୍ଠ ନେତାମାନଙ୍କୁ ଭେଟିବି । ଆମେ ଏହି ଧାରଣା ସହିତ ଯାଇଥିଲୁ ଯେ ଆମେ ଆମର ଦୃଷ୍ଟିକୋଣକୁ ବିନମ୍ରତାର ସହିତ ଉପସ୍ଥାପନ କରିବୁ ଏବଂ ଯୁକ୍ତି ଦେବୁ ଯେ ସରକାରଙ୍କ ସହିତ ଆଲୋଚନା ଭଲ ହେବ । ତଥାପି, ପହଂଚିବା ପରେ, ରାହୁଲ ଗାନ୍ଧୀ ଆମକୁ ଅନୁରୋଧ କରିଥିଲେ ଯେ ଯଦି ସରକାର NEET ଏବଂ ସମ୍ବନ୍ଧିତ ଶିକ୍ଷା ପ୍ରସଙ୍ଗରେ ସଂସଦରେ ଆଲୋଚନା ପାଇଁ ରାଜି ହୁଅନ୍ତି, ତେବେ ସେ ତୁରନ୍ତ ପ୍ରତିବାଦ ସମାପ୍ତ କରିବେ । ମୁଁ ତାଙ୍କୁ ଏହି ପ୍ରଶ୍ନ ଥରେ ନୁହେଁ ବରଂ ଦୁଇ କିମ୍ବା ତିନିଥର ପଚାରିଥିଲି... ସରକାରଙ୍କ ଶୀର୍ଷ ନେତୃତ୍ୱ ସହିତ ଆଲୋଚନା କରାଯାଇଥିଲା, ଏବଂ ଆମକୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆଶ୍ୱାସନା ଦେବାକୁ କୁହାଯାଇଥିଲା ଯେ ସରକାରଙ୍କର କୌଣସି ଆପତି ନାହିଁ । ସରକାର ସଂସଦରେ NEET ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ, ଉଭୟ ସମ୍ବନ୍ଧିତ ପ୍ରସଙ୍ଗ ଏବଂ ଚାଲୁଥିବା ପ୍ରତିବାଦ । ଯେତେବେଳେ ଆମେ ଏହି ପ୍ରସଙ୍ଗ ଉଠାଇଥିଲୁ ରାହୁଲ ଗାନ୍ଧୀଙ୍କ ସହିତ ସେ କହିଲେ, 'ମୁଁ ମଧ୍ୟ ଚାହେଁ ଯେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ।

# ହୀରାକୁଦ୍‌ରେ ୧୦ଟି ଗେଟ୍‌ରେ ବନ୍ୟା ଜଳ ନିଷ୍କାସନ

ହୀରାକୁଦ: ବର୍ତ୍ତମାନ ରାଜ୍ୟରେ ଲଗାଣବର୍ଷା ଜାରି ରହିଛି । ଏହି ପ୍ରରିପେକ୍ଷିରେ ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ପ୍ରବଳ ଯୋଗୁଁ ଜଳଭଣ୍ଡାରକୁ ବିପୁଳ ପରିମାଣର ବନ୍ୟା ଜଳ ପ୍ରବେଶ କରୁଛି । ଯାହାକୁ ନେଇ ପୁଣି ଡ୍ୟାମର ଆଉ ୪ଟି ସ୍ଲୁଇସ ଗେଟକୁ ଖୋଲାଯାଇଛି । ଏହାକୁ ମିଶାଇ ମୋଟ ୧୦ଟି ସ୍ଲୁଇସ ଗେଟ୍‌ରେ



ଅତିରିକ୍ତ ବନ୍ୟା ଜଳ ନିଷ୍କାସନ କରାଯାଉଛି । ଖୋଲା ଯାଇଥିବା ମୋଟ ୮ଟି ସ୍ଲୁଇସ ଗେଟ ମଧ୍ୟରୁ ବର୍ତ୍ତମାନ ଜଳଭଣ୍ଡାରର ବାମ ପାର୍ଶ୍ୱରୁ ୫ଟି ଏବଂ ଦକ୍ଷିଣ ପାର୍ଶ୍ୱର ୩ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଆଜି ଅପରାହ୍ଣ ୨ଟା ୩୦ ସମୟରେ ହସ୍ତଗତ ସୂଚନା ଅନୁସାରେ ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୬୧୩.୫୦ ଫୁଟ୍ ବୃଦ୍ଧି ପାଇଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୫୫ ହଜାର ୬୩୭ ଘନଫୁଟ ବନ୍ୟା ଜଳ ପ୍ରବେଶ କରୁଛି । ଏନେଇ ଜଳଭଣ୍ଡାରରୁ ସମାନ ପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି । ୧୦ଟି ସ୍ଲୁଇସ ଗେଟ ଜରିଆରେ ୧ ଲକ୍ଷ ୨୧ ହଜାର ୨୦୦ ଘନଫୁଟ ଏବଂ ବିଭିନ୍ନ କେନାଲ, ପାୱାର ଚ୍ୟାନେଲ ଓ ଶିଳ୍ପଭିତିକ ବ୍ୟବହାର ମାଧ୍ୟମରେ ମୋଟ ୩୪,୪୭ ଘନଫୁଟ ଜଳ ନିଷ୍କାସିତ ହେଉଛି ।

# ଭୋଟର ତାଲିକା ପ୍ରସ୍ତୁତି ନେଇ ଅକ୍ଟୋବରରୁ ରାଜ୍ୟରେ ହେବ ଘରକୁ ଘର ସର୍ଭେ

ଭୁବନେଶ୍ୱର : ୨୦୨୭ ମସିହାରେ ରାଜ୍ୟରେ ହେବାକୁ ଥିବା ତ୍ରି-ସ୍ତରୀୟ ପଂଚାୟତ ଓ ପୌର ସଂସ୍ଥା ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି । ଏହି ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ଭୋଟର ତାଲିକା । ସେଥିପାଇଁ ଅକ୍ଟୋବରରୁ ଆରମ୍ଭ ହେବ ଡୋର ଟୁ ଡୋର ସର୍ଭେ । ଅକ୍ଟୋବର ୧୬ରୁ ନଭେମ୍ବର ୭ ମଧ୍ୟରେ ଘରକୁ ଘର ବୁଲି ସର୍ଭେ କରାଯିବ । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ପୌର ନ ି ଗ ମ ର ଆୟୁକ୍ତ (କମିଶନର), ସମସ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟରମାନେ ସାମିଲ




ହୋଇଥିଲେ । ଆଗାମୀ ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆୟୁକ୍ତ ସମସ୍ତ ଜିଲ୍ଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ଘରକୁ ଘର ବୁଲି ସର୍ଭେ ମାଧ୍ୟମରେ ପ୍ରକୃତ ସ୍ଥିତି ଅନୁଯାୟୀ ବୁଥ୍‌ଭିତିକ ଭୋଟର ତାଲିକା ପ୍ରସ୍ତୁତ କରାଯିବ । ଏହା ସହିତ ପ୍ରତ୍ୟେକ ଘରକୁ କ୍ରମିକ ଘର ନମ୍ବର ପ୍ରଦାନ, ଗୋଟିଏ ପରିବାରର ସମସ୍ତ ଯୋଗ୍ୟ ଭୋଟରଙ୍କୁ କ୍ରମାନୁସାରେ ତାଲିକାଭୁକ୍ତ କରିବା, ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଆଇନଗତ ପ୍ରକ୍ରିୟାରେ ସାମିଲ କରଯିବାକୁ ଆଲୋଚନା ହୋଇଥିଲା । ସର୍ଭେ ପାଇଁ ପ୍ରତ୍ୟେକ ଦଳରେ ସମ୍ପୃକ୍ତ ବୁଥ୍ ଲେଭେଲ୍ ଅଫିସରଙ୍କୁ ଟିମ୍ ଲିଡର ଭାବେ ନିଯୁକ୍ତ କରାଯିବ । ତାଙ୍କୁ ଦୁଇଜଣ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିବେ । ଆବଶ୍ୟକ ସ୍ଥଳେ ଆଶା କର୍ମୀ, ଜଳ ସାଥୀ କିମ୍ବା ସ୍ୱଚ୍ଛ ସାଥୀଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ । ବ୍ଲକ ଓ ସହରାଂଚଳ ସ୍ତରରେ ସୁପରଭାଇଜର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ସମଗ୍ର ପ୍ରକ୍ରିୟାର ତଦାରଖ କରିବେ । ଏ ସମସ୍ତ ପ୍ରକ୍ରିୟା ଜୁଲାଇ ୩୧ ସୁଦ୍ଧା ସାରିବାକୁ ଆଲୋଚନା ହୋଇଥିଲା । ବୈଠକରେ ସର୍ଭେ ପ୍ରକ୍ରିୟା, ବୁଥ୍ ଓ ୱାର୍ଡ ସୀମା ନିର୍ଦ୍ଧାରଣ, ଦାବି ଓ ଆପତି ଫର୍ମ ସଂଗ୍ରହ, ସର୍ଭେ ତଥ୍ୟର ଡିଜିଟାଇଜେସନ୍ ଏବଂ ସମୟସୀମା ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପାଦନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଆସନ୍ତା ଜାନୁଆରୀ ୧, ୨୦୨୭ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ଏବଂ ଫେବୃଆରୀ ୧୦, ୨୦୨୭ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲକ୍ଷ୍ୟ ରଖାଯାଇଛି । ଭୋଟର ତାଲିକାକୁ ସଂଶୋଧନ ଓ ନିରୁପାଦିକ କରିବା ପାଇଁ ପ୍ରଶାସନିକ ସ୍ତରରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।





# କାଉଡ଼ିଆଙ୍କ ଜଳାଭିଷେକ କାର୍ଯ୍ୟ ଆରମ୍ଭ: ବିଧାୟକଙ୍କ ବାଲିଘାଟ ପରିଦର୍ଶନ







ବାଲେଶ୍ୱର(ନି.ପ୍ର.) : ଶ୍ରାବଣ ମାସ ଆଗମନରେ ପବିତ୍ର ଶୈବପୀଠମାନଙ୍କରେ ପ୍ରତ୍ୟେକ ସୋମବାର ଜଳଲାଗି ଆରମ୍ଭ ହୋଇଛି । ଏହି କ୍ରମରେ ବାଲେଶ୍ୱର ସହରର ବୁଢ଼ାବଳଙ୍ଗ ନଦୀକୂଳ ବାଲିଘାଟରୁ ହଜାର ହଜାର ଶ୍ରଦ୍ଧାଳୁ ଘଟ ଉତୋଳନ ପୂର୍ବକ ନୀଳଗିରିର ପଂଚୁଲିଙ୍ଗେଶ୍ୱର ସମେତ ଅନ୍ୟାନ୍ୟ ଶୈବପୀଠକୁ ଜଳଲାଗି ପାଇଁ ଯାତ୍ରା କରିବେ । ଏହି ପରିପେକ୍ଷୀରେ ଭକ୍ତମାନଙ୍କ ପାଇଁ ଆବଶ୍ୟକୀୟ ମୌଳିକ ସୁବିଧା ଯୋଗାଇ ଦେବା ଲାଗି ଆଜି ସକାଳେ ସଦର ବିଧାୟକ ମାନସ କୁମାର ଦତ ପେ ?ରପାଳିକା ଅଧିକାରୀଙ୍କ ସହ ବାଲିଘାଟ ପରିଦର୍ଶନ କରିଥିଲେ । ନଦୀତୁଠରେ ଭକ୍ତମାନେ ସ୍ନାନ କରିବା ସହ ଜଳ ଉଠାଇବା ଲାଗି ତୁରନ୍ତ ଘାଟ ନିକଟରେ ସଫେଇ କରିବାକୁ ଶ୍ରୀ ଦତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ହଜାର ହଜାର ଭକ୍ତଙ୍କ ସମାଗମ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ନଦୀଘାଟରେ ସୁରକ୍ଷା ବ୍ୟବସ୍ଥା ସହିତ ସମଗ୍ର ଅଂଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ବାଲେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୀମାଂଚଳ ମିଶ୍ର ଓ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକଙ୍କ ସହ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ସୁଜିତ ଦେବ, ଯୋଗେନ୍ଦ୍ର ସାହୁ, ଅଶୋକ ଦାସ, ଯୋଗେନ ରଣା, ବିରଞ୍ଜନ ମହାରଣା, ଛବିନ୍ଦ୍ର ସାହୁ, ଯୋଗେନ୍ଦ୍ର ଖିଲାର, ତପନ ନନ୍ଦୀ, ଧୀରଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାଉଡ଼ିଆମାନେ ୧୪ ତାରିଖ ସନ୍ଧ୍ୟାରେ ବାଲିଘାଟ ଠାରେ ସମବେତ ହୋଇ ବାଲିଘାଟରେ ବୁଡ଼ ପକାଇବା ସହ ଜଳ ନେଇ ପଂଚୁଲିଙ୍ଗେଶ୍ୱର, ମଣିନାଗେଶ୍ୱର, ଗଡ଼ଗଡ଼େଶ୍ୱର, ଝାଡ଼େଶ୍ୱର, ଶ୍ରୀକଣ୍ଠପୁର, ତ୍ରୟମ୍ବେକେଶ୍ୱର, ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର, କଲିକତାରେ ତାଡ଼କେଶ୍ୱର ଗାଡ଼ିରେ ଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମ ୨୦ ତାରିଖ, ୨୮ ତାରିଖ, ଅଗଷ୍ଟ ୩ ତାରିଖ ଓ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖରେ ଶେଷ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।

# ବିପନ୍ନ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ



ବାଲେଶ୍ୱର(ନି.ପ୍ର.): ଓଡ଼ିଶାର ବିଶେଷ ଭାବେ ବିପନ୍ନ ଜନଜାତି ଗୋଷ୍ଠୀଙ୍କ ସାମାଜିକ, ସାଂସ୍କୃତିକ ଓ ସ୍ୱାସ୍ଥ୍ୟ ସ୍ଥିତି ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବ୍ୟାପକ ବୈଷୟିକ ରିପୋର୍ଟ ପ୍ରକାଶ ପାଇଛି । ଏହି ଉପଲକ୍ଷେ ଲୋକସେବା ଭବନ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ଡଃ ହରିବାବୁ କମ୍ଭମପତି ଏହି ସାକ୍ଷ୍ୟ-ଆଧାରିତ ରିପୋର୍ଟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର 'ସେ[ର ଅଫ୍ ଏକ୍ସଲେନ୍ସ ଇନ୍ ଷ୍ଟଡିଜ୍ ଅନ୍ ଟ୍ରାଇବାଲ୍ ଆଣ୍ଡ ମାର୍ଜିନାଲାଇଜ୍ଡ କମ୍ୟୁନିଟିଜ୍' ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ ପାଇଁ ରାଜ୍ୟର ୭ଟି ପ୍ରମୁଖ ଜିଲ୍ଲାର ୧୦ଟି ବିପନ୍ନ ଜନଜାତି ସମୁଦାୟର ୯,୨୨୨ ଜଣ ବ୍ୟକ୍ତିଙ୍କୁ ନେଇ ଆନ୍ତଃ-ବିଭାଗୀୟ ସର୍ଭେ କରାଯାଇଥିଲା । ଗବେଷଣାରୁ ଜନଜାତି ସମୁଦାୟଙ୍କ ମଧ୍ୟରେ ସୁଦୃଢ଼ ସାଂସ୍କୃତିକ ନିରନ୍ତରତା ଏବଂ ପରିବାର ନିୟୋଜନ ପ୍ରତି ବଢ଼ୁଥିବା ସଚେତନତା ଭଳି ସକାରାତ୍ମକ ଦିଗ ସାମ୍ନାକୁ ଆସିଛି । ଏହା ସହିତ ସେମାନଙ୍କ କ୍ଷେତ୍ରେ ଦୀର୍ଘକାଳୀନ ପୁଷ୍ଟିହୀନତା, ରକ୍ତହୀନତା, ନିମ୍ନ ସାକ୍ଷରତା ଓ ଦୁର୍ବଳ ମାତୃ ସ୍ୱାସ୍ଥ୍ୟ ଭଳି ଗମ୍ଭୀର ଆହ୍ୱାନ ଏପର୍ଯ୍ୟନ୍ତ ରହିଥିବା ମଧ୍ୟ ରିପୋର୍ଟରେ ଚିହ୍ନଟ କରାଯାଇଛି । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ପ୍ରକାଶ କରିଛନ୍ତି ଯେ, ଏହି ଗବେଷଣା ମଡେଲକୁ ସମଗ୍ର ପୂର୍ବ ଭାରତ ତଥା ଦେଶର ସମସ୍ତ ୭୫ଟି ବିପନ୍ନ ଜନଜାତିଙ୍କ ପାଖକୁ ସମ୍ପ୍ରସାରିତ କରି ସଠିକ୍ ନୀତି ପ୍ରଣୟନ ପାଇଁ ଏକ ଦୃଢ଼ ଜାତୀୟ ତଥ୍ୟ ଭିତିଭୂମି ସୃଷ୍ଟି କରିବାକୁ ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଜନଜାତିଙ୍କ ସ୍ଥାୟୀ ବିକାଶ ପାଇଁ ପ୍ରତ୍ୟେକ ସମୁଦାୟର ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ ଭିନ୍ନ ଭିନ୍ନ ଯୋଜନା ପ୍ରସ୍ତୁତ କରିବାକୁ ଏହି ରିପୋର୍ଟରେ ସୁପାରିଶ କରାଯାଇଛି ।

# ବଇଁଚା ମାଉସୀମା ଦୁର୍ଗାମନ୍ଦିର ପରିସରରେ ବାଲିଘାଟ ମହାପ୍ରଭୁ ସେବା ପାଉଛନ୍ତି



ବାଲେଶ୍ୱର(ନି.ପ୍ର.) : ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ବାଲିଘାଟ ସୁରକ୍ଷା କମିଟି ଆନୁକୂଲ୍ୟରେ ପାଳିତ ହୋଇଆସୁଥିବା ରଥଯାତ୍ରାର ତିନି ଦିଅଁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଟଣାଯାଇ ବଇଁଚା ମାଉସୀମା ଦୁର୍ଗା ମନ୍ଦିର ପରିସରରେ ଶ୍ରୀ ଜୀଉମାନେ ପହଁଚିବା ପରେ ଆରମ୍ଭ ହୋଇଛି ନିଜର ନୀତିକାନ୍ତି । ୨୧ ତାରିଖ ପୂର୍ବାହ୍ନରେ ଶ୍ରୀ ଜୀଉଙ୍କ ପର୍ଶୁରାମ ଭେସ ଧାରଣ କରିବା ଏବଂ ଶ୍ରଦ୍ଧାଳୁମାନେ ମନସ୍କାମନା ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନେଇ ଶ୍ରୀ ଶ୍ରୀଜୀଉଙ୍କ ଦର୍ଶନ କରିବା ଓ ପ୍ରସାଦ ଲଗାଇବା, ତୁଳସୀଧଣ୍ଡା ଲଗାଇବା ଯୋଗୁଁ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବଇଁଚା ମାଉସୀମା ଦୁର୍ଗାମନ୍ଦିରର ସଦସ୍ୟ ପ୍ରମୋଦ ମାଝି, ସୁନୀଲ ମାଝି, ମହେନ୍ଦ୍ର ମାଝି, ଉଦୟ ବେହେରା, ଉମାକାନ୍ତ ତରେଇ, ହରିହର ଦାଶ, ପ୍ରଶାନ୍ତ ଦାଶ, ସୁନୀଲ ମାଝି, ହେମନ୍ତ ପଣ୍ଡା,ଅକ୍ଷୟ କୁମାର ପ୍ରଧାନ, ପ୍ରମୋଦ ମାଝି, ହରିଶ୍ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ କର୍ମକର୍ତା ମହାପ୍ରଭୁଙ୍କ ସେବାକାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି । ଆସନ୍ତା ୨୫ ତାରିଖ ମାଉସୀମା ମନ୍ଦିରରୁ ଶ୍ରୀ ଜୀଉମାନେ ବାଲିଘାଟ ସୁରକ୍ଷା କମିଟି ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରକୁ ବାହୁଡ଼ିବେ । ସେଠାରେ ସୁନାବେଶ ହେବା ସହ ଶ୍ରୀ ଜୀଉମାନେ ଦୀର୍ଘ ସମୟର ବ୍ୟବଧାନ ପରେ ମନ୍ଦିର ଆସ୍ଥାନକୁ ଫେରିବେ ବୋଲି ଜଣାପଡ଼ିଛି ।

# ଅଗଷ୍ଟ ମାସର ମିଳିତ ଜନଶୁଣାଣି

ବାଲେଶ୍ୱର(ନି.ପ୍ର.) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଅଗଷ୍ଟ ମାସର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହେବାର ଖସଡ଼ା ପ୍ରକାଶ ପାଇଛି । ଆସନ୍ତା ୩ ତାରିଖ ଜିଲ୍ଲାପାଳଙ୍କ ସରକାରୀ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିର ହୋଇଥିଲା ବେଳେ ୧୦.୮.୨୬ରେ ନୀଳଗିରି ଠାରେ, ୧୭.୮.୨୬ରେ ବାହାନଗା ଠାରେ ଏବଂ ୨୪.୮.୨୬ ଭୋଗରାଇ ବ୍ଲକରେ ଓ ୩୧.୮.୨୬ରେ ରେମୁଣା ବ୍ଲକରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

# ଲଘୁଚାପଜନିତ ବର୍ଷା: ବନ୍ୟାରେ ପରିଣତ ହେବାକୁ ଯାଉଛି


ବାଲେଶ୍ୱର(ନି.ପ୍ର.) : କ୍ରମାଗତ ବଙ୍ଗୋପସାଗରରେ ଲଘୁଚାପ ଜନୀତ ବର୍ଷା ଯୋଗୁଁ ଏବେ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି । ଖବରନେବାରୁ ଜଣାଯାଇଛି କି, ୨୧ ତାରିଖ ବାଲେଶ୍ୱର ଜନିଲ୍ଲାରେ ଭୋଗରାଇରେ ୨୫ମି.ମି, ବସ୍ତାରେ ୮ ମି.ମି., ଜଳେଶ୍ୱରରେ ୭ମି.ମି, ବାଲିଆପାଳରେ ୧୯ ମି.ମି., ବାଲେଶ୍ୱରରେ ୯ମିମି. ରେମୁଣାରେ ୩୧ ମିମି, ନୀଳଗିରିରେ ୬୫ ମି.ମି., ସୋରରେ ୨୨.୫ ମି.ମି, ବାହାନଗାରେ ୦ ମି.ମି., ସିମୁଳିଆରେ ୩୪ ମିମି, ଖଇରାରେ ୧୮ ମିମି, ଔପଦାରେ ୪୦ ମିମି, ଏଯାବତ୍ ମୋଟ୍ ୨୭୮.୫ ମି.ମି. ବର୍ଷା ଆକଳନ କରାଯାଇଥିବା ବେଳେ ଜଳକାରେ ଏବଂ ବୁଢ଼ାବଳଙ୍ଗରେ ଜଳର ଅଭିବୃଦ୍ଧି ଦେଖିବାକୁ ମିଳିଛି ।





୫୦ବର୍ଷ ପୂର୍ତି ସୁବର୍ଣ୍ଣଜୟନ୍ତୀ ଅବସରରେ ମୋତିଗଂଜ ବାଂଠିଆ ଜଗନ୍ନାଥ ମନ୍ଦିରର ମହାପ୍ରଭୁ ସିନେମାଛକ ସ୍ଥିତ ଦୁର୍ଗାମପଣ୍ଡ ମାଉସୀମା ମନ୍ଦିରରେ ବାମନ ଓ ପର୍ଶୁରାମ ଭେଶ ଧାରଣ କରିଛନ୍ତି । (ଫଟୋ-ଦେବବ୍ରତ)

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାରେ କିମ୍ବଦନ୍ତୀ ମହାପୁରୁଷଙ୍କ ପ୍ରତିମୂର୍ତି ସ୍ଥାପନ ହେବ



ବାଲେଶ୍ୱର(ନି.ପ୍ର.) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ବାଲେଶ୍ୱର ଜିଲ୍ଲାର ୭ଟି ସ୍ଥାନରେ କିମ୍ବଦନ୍ତୀ ମହାପୁରୁଷଙ୍କର(ବରପୁତ୍ର)ଙ୍କାର ପ୍ରତିମୂର୍ତି ସ୍ଥାପନ କରାଯାଇ ଜନସାଧାରଣଙ୍କ ନିମନ୍ତେ ଅନାବରଣ କରାଯିବ ବୋଲି ନିଷ୍ପତି ହୋଇଥିବା ଜଣାପଡ଼ିଛି । ଖବରରୁ ପ୍ରକାଶଯେ, ଓଡ଼ିଶାର ଇଗଲ କୁହାଯାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକଙ୍କ ପ୍ରତିମୂର୍ତି ରେମୁଣା ବ୍ଲକ ମାଧିପୁର ଠାରେ ଏବଂ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତି ସୋର ଇଟୁଆ ଠାରେ ଏବଂ ରେମୁଣା ଠାରେ ଓ ଉତ୍କଳ ମଧୁସୂଧନ ଦାସଙ୍କ ପ୍ରତିମୂର୍ତି ଜଳେଶ୍ୱର ବାର କ୍ୟାମ୍ପସ୍ ପରିସରରେ ସ୍ଥାପନା କରାଯିବାର ଖସଡ଼ା ପ୍ରସ୍ତୁତ ହେଉଥିଲା ବେଳେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତି ବାଲେଶ୍ୱର ମ୍ୟୁନିସିପାଲିଟି ପରିସରରେ ଏବଂ ଶହୀଦ ବିପ୍ଲବୀ ବୀର ବାଘାଯତୀନଙ୍କ ପ୍ରତିମୂର୍ତି ବାଲେଶ୍ୱର ମ୍ୟୁନିସିପାଲିଟି ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତି ବାଲେଶ୍ୱର ମ୍ୟୁନିସିପାଲିଟିରେ ସ୍ଥାପନା କରାଯିବ ବୋଲି ନିଷ୍ପତି ହୋଇଥିବା ଓ ଉଭୟ ସରକାର ଏହାକୁ ଅନୁମୋଦନ କରିଥିବା ଜଣାପଡ଼ିଛି ।

# ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ପରଲୋକ : ସୁବର୍ଣ୍ଣରେଖା ପ୍ରେସ କ୍ଲବର ଶୋକ

ଲଙ୍ଗଳେଶ୍ୱର (ନି.ପ୍ର) ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ସୋମବାର ବିଳମ୍ବିତ ରାତ୍ରିରେ ତାଙ୍କ ବିଶ୍ୱନାଥପୁର ବାସଭବନରେ ପରଲୋକ ହୋଇ ଯାଇଛି ।ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୬ ବର୍ଷ ବୟସ ହୋଇଥିଲଲା ।ଏକ ସଡ଼କ ଦୁର୍ଘଟଣା ପରଠୁ ସେ ଗୁରୁତର ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ରହିଥିଲେ । ଗତ ରାତିରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ମାତ୍ର ସେ



ବଂଚିପାରିଲେ ନାହିଁ ଶେଷ ନିଶ୍ୱାସ ତ୍ୟାଗ କଲେ ।ଆଜି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ପୁତ୍ର ତ୍ରିଶୋଭ ପଣ୍ଡା ମୁଖାଗ୍ନି ଦେଇଛନ୍ତି । ସେ ବାଲିଆପାଳର ଅଗ୍ରଣୀ ସାମ୍ବାଦିକ ସଂଗଠକ ' ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ' ର ସଭାପତି ଥିଲେ । ତାଙ୍କ ମୃତ୍ୟୁରେ କ୍ଲବର ଆବାହକ ଡ଼ଃ ସୁକାନ୍ତ କୁମାର ଗିରି, ଉପଦେଷ୍ଟା ମନ୍ମଥ କୁମାର ସାହୁ, ସୁଧାଂଶୁ ପଞ୍ଚା, ସାମ୍ବାଦିକ ଗୋପାଳ କୃଷ୍ଣ ବିଶ୍ୱାଳ, ଦିଲ୍ଲୀପ କୁମାର ଦାସ, ଜ୍ୟୋତି ରଞ୍ଜନ ପଟ୍ଟାୟତ, ହରେକୃଷ୍ଣ ତ୍ରିପାଠୀ, ସନ୍ୟାସୀ ବେହେରା,ସାମ୍ବାଦିକା କବିତା ଗିରି, ରମିତା ବିଶ୍ୱାଳ, ସଦାଶିବ ସେଠୀ, ସଞ୍ଜୟ କୁମାର ଗିରି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।ସେ ଦୀର୍ଘ ଦିନ ଧରି ଦୈନିକ ପ୍ରମେୟ ଖବର କାଗଜରେ ଉଭୟେ ବାଲିଆପାଳ ଓ ଲଙ୍ଗଳେଶ୍ୱର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ ।

# ପାଉଁଶର ବୈଜ୍ଞାନିକ ବିନିଯୋଗ ପାଇଁ ଏମ୍‌ସିଏଲ୍ ଏବଂ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର



ସମ୍ବଲପୁର(ନି.ପ୍ର.): ତାଳଚେରସ୍ଥିତ ଆଗାମୀ କୋଇଲା ଗ୍ୟାସୀକରଣ-ଭିତିକ ଆମୋନିଆ-ୟୁରିଆ ପ୍ରକଳ୍ପରୁ ନିର୍ଗତ ପାଉଁଶ (ଫ୍ଲାଇ ଆସ୍)ର ସୁରକ୍ଷିତ ଓ ବୈଜ୍ଞାନିକ ପରିଚାଳନା ପାଇଁ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ଏବଂ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଟିଏଫ୍‌ଏଲ୍) ମଧ୍ୟରେ ସମ୍ବଲପୁରଠାରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି ।ଏହି ଚୁକ୍ତିନାମା ଅନୁଯାୟୀ, ପ୍ରକଳ୍ପରୁ ସୃଷ୍ଟି ହେଉଥିବା ପାଉଁଶକୁ ହାଇ କନସେଟ୍ରେସନ ସ୍ଲରୀ ଡିସପୋଜାଲ (ଏଚ୍‌ସିଏସ୍‌ଡି) ସିଷ୍ଟମ ମାଧ୍ୟମରେ ପରିବହନ କରାଯାଇ ଏମ୍ ?ସିଏଲ୍ ?ର ଜଗନ୍ନାଥ ଓପନ୍ କାଷ୍ଟ ପ୍ରକଳ୍ପର 'କ୍ୱାରୀ ନମ୍ବର ଓଠ'ରେ ବୈଜ୍ଞାନିକ ଉପାୟରେ ଜମା କରାଯିବ । ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ପରିବେଶ ଅନୁକୂଳ ପାଉଁଶ ପରିଚାଳନା ସୁନିଶ୍ଚିତ କରିବା ସହ ବୈଜ୍ଞାନିକ ଉପାୟରେ ଖଣି ପୁନରୁଦ୍ଧାର କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।ଉପରୋକ୍ତ ବୁଝାମଣାରେ ଏମ୍ ?ସିଏଲ୍ ? ପକ୍ଷରୁ ମହାପ୍ରବନ୍ଧକ






(ଯୋଜନା ଓ ପରିଯୋଜନା) ଶ୍ରୀ ପି. କେ. ମିଶ୍ର ଏବଂ ଟିଏଫ୍ ?ଏଲ୍ ? ପକ୍ଷରୁ ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ବିବେକ ଶ୍ରୀବାସ୍ତବ ଏହି ଏମ୍ ?ଓୟୁରେ ସ୍ୱାକ୍ଷର କରିଛନ୍ତି ।ଏହି ଯୌଥ ଉଦ୍ୟମ ନିରନ୍ତର ଶିଳ୍ପାଂଚଳ କୁ ପ୍ରୋତ୍ସାହିତ କରିବ, ଖଣିଗୁଡ଼ିକର ଖାଲି ସ୍ଥାନରେ ଦକ୍ଷ ବିନିଯୋଗକୁ ସକ୍ଷମ କରିବ ଏବଂ ଦାୟିତ୍ୱବାନ ପରିବେଶ ପରିଚାଳନାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ ପରିବେଶ ଅନୁକୂଳ ସମାଧାନ ଆପଣାଇବା ଏବଂ ଦେଶର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଯୋଗଦାନ କରିବା ପାଇଁ ଏମ୍ ?ସିଏଲ୍ ?ର ପ୍ରତିବଦ୍ଧତାକୁ ଦୋହରାଉଛି ।

# ହୃଦ୍‌ଘାତରେ ଯୁବକଙ୍କ ଅକାଳ ବିୟୋଗ


ନୀଳଗିରି, (ନିପ୍ର): ନୀଳଗିରି ଏନଏସି ୨ ନମ୍ବର ୱାଡ଼ ଘାଟଘରସାହି ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପୁଅ ସଂଜୀବ ବେହେରା (୩୫) ଙ୍କର ଆଜି ଅପରାହ୍ନ ୫ ଘଟିକା ସମୟରେ ଘରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତ୍ୱେ ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲ କୁ ଅଣାଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଖବର ପ୍ରଚାରିତ ହେବାପରେ ନୀଳଗିରି ମେଡିକାଲ ଲୋକାରଣ୍ୟ ହୋଇପଡ଼ିଥିଲା । ନୀଳଗିରି ଗ୍ରାମ୍ୟ ବ୍ୟାଙ୍କ ରେ ଜଣେ କର୍ମଚାରୀ ଥିବା ବେଳେ ତାଙ୍କର ୩ବର୍ଷର ଏକମାତ୍ର ଶିଶୁ କନ୍ୟା ଥିବା ଜଣା ପଡ଼ିଛି ।ସେ ଜଣେ ମେଳାପି, ମିଷ୍ଟଭାସି, ପରୋପକାରୀ ସ୍ୱଭାବର ବ୍ୟକ୍ତି ଥିବା ବେଳେ ତାଙ୍କ ଅକାଳ ବିୟୋଗ ରେ ଅଂଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି ।

ଇର୍ଷା, ଲୋଭ, କ୍ରୋଧ ଏବଂ ଅପ୍ରିୟ କଟୁ ବଚନ - ଏଥିରୁ ସର୍ବଦା ଦୂରେଇ ରହିବା ଧର୍ମପ୍ରାପ୍ତିର ଏହି ହେଉଛି ମାର୍ଗ

# ଆଜିକାଲି




*ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।*
*ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*
ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ସଂଗେ ବାଜିଲା ।

## ତ୍ରୁଟିଶୂନ୍ୟ ବାହୁଡ଼ାଯାତ୍ରା ପାଇଁ ସତର୍କତା ଜରୁରୀ

ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ପ୍ରଶାସନ ୭ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲେ ମଧ୍ୟ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ରଥଯାତ୍ରାରେ ବଡ଼ଦାଣ୍ଡର ମରିଚି କଟ ଛକରେ ଦଳାଚକଟା ହୋଇ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ଘଟଣା ଭକ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶୋକାର ଛାୟା ଖେଳି ଯାଇଛି । କେଉଁ ମୃତକଙ୍କ ଛାତି ପଞ୍ଜରାହାଡ଼ ଗୁଡ଼ିକ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ଦୁଇ ଜଣ ହୃତ୍‌ଘାତରେ ମୃତ୍ୟୁ ଘଟିଥିବା ଉଲ୍ଲେଖ କରାଯାଉଛି । (ରିପୋର୍ଟରେ ଉଲ୍ଲେଖ କରାଯାଇଛି) ଭକ୍ତ ଭଗବାନଙ୍କ ମଧ୍ୟରେ ସଂପର୍କର ନିବିଡ଼ତା ଘନିଷ୍ଠ ଥିବା ବେଳେ ଯେଉଁ ଆଶା ଓ ବିଶ୍ୱାସ ନେଇ ଭକ୍ତ ଜଜଣକ ପ୍ରଭୁଙ୍କୁ ଦେଖିବା ପାଇଁ ଦୌଡ଼ି ଆସିଥାଏ ବିଶୃଙ୍ଖଳା ଯୋଗୁଁ ଆହତ ମୃତାହତ ହେବା ପରିତାପର ବିଷୟ । ପୂର୍ବରୁ ମଧ୍ୟ ରଥଯାତ୍ରା ସମୟରେ ଏଏଭଳି ଅଘଟଣ ଦୃଷ୍ଟିଗୋଚର ହୋଇଥିବା ଏଏବଂ ସେଥିପାଇଁ ରାଜ୍ୟ ସରରକାର ମଧ୍ୟ ଏଏହାର ପ୍ରତିହତ କରିବା ପାଇଁ ସମସ୍ତ ଯୋଜନା ଶାନ୍ତି ଶୃଙ୍ଖଳା ସହ ଯେପରି ସମସ୍ତ ପାଳନ କରାଯିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ରରାଜ୍ୟ ସରକାର ଏଥଥିପାଇଁ ପ୍ରସ୍ତୁତି ପର୍ବ କରିଥିଲେ ମଧ୍ୟ ପୁନଶ୍ଚ ଦୁଃଖଦ ଘଟଣାର ପୁନରାବୃତି ଘୋର ପରିତାପର ବିଷଷୟ । ଏହି ଦଳାଚକଟା ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଯଥାଶୀଘ୍ର ଗ୍ରହଣ କରିବା ଉଚିତ । ଏହି ଘଟଣାକୁ ପ୍ରମାଣିତ କରିବଠା ସହ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି । ଯଥା ଶୀଘ୍ର ଏହାର ତଦନ୍ତ କରାଯିବାର ନେଇ ସାଧାରଣରେ ଦାବି ହେଉଛି । ଆଗକୁ ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନିଳାଦ୍ରିବିଜେ । ମହାପ୍ରଭୁଙ୍କ ଏହି ବିଶ୍ୱ ପ୍ରସିଦ୍ଧ ବାହୁଡ଼ାଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ସହ ମୃତାହତର ଅଘଟଣ ନ ଘଟେ ସେଥିପ୍ରତି ଯଥେଷ୍ଟ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଆମେ ମନେ କରୁଛୁ ।

## ରାସ ମଣ୍ଡପରେ କାଳିଆ ଧନ...

ଆଷାଢର ଶୁକ୍ଳ ଶୁଭ ଦ୍ୱିତୀୟାରେ, ଆସେ ପୂଣ୍ୟ ଶ୍ରୀଗୁଣ୍ଡିଚା
ଭାଇ ଭଉଣୀଂକ ସହ ଦାରୁବ୍ରହ୍ମ , କରନ୍ତି ଗୁଣ୍ଡିଚା ଯାତ୍ରା ।
ଭକତଂକ ଇଛା ପୂରଣ ନିମନ୍ତେ, ରତ୍ନ ସିଂହାସନ ଭୁଲି
ନନ୍ଦିଘୋଷ ରଥେ ବସି କଳାଧନ, ଜନ୍ମବେଦୀ ଯାଏ ବୁଲି ।
ସପ୍ତମୀ ଅଷ୍ଟମୀ ନବମୀ ତିଥିରେ
ସନ୍ଧ୍ୟାଧୂପ ନୀତି ପରେ
ଚତୁର୍ଦ୍ଧା ମୂରତୀ ବିଜେ ହୋଇଥାନ୍ତି
ପୂଣ୍ୟ ରାସ ମଣ୍ଡପରେ ।
ରାସ ମଣ୍ଡପରେ ପ୍ରଭୁଂକ ଦର୍ଶନ
ରାତ୍ରୀକାଳେ ଯିଏ କରେ
ଦଶଗୁଣ ପୂଣ୍ୟ ପ୍ରାପ୍ତି ହୋଇଥାଏ
ଲେଖାଅଛି ପୁରାଣରେ ।
ଜନମ ବେଦୀରେ ତିନି ଠାକୁରଂକ
ଅପୂର୍ବ ସେ ବେଶଭୂଷା
ଆଡପ ଅବଢା ମୁହଁକୁ ଛୁଇଁଲେ
ପୂର୍ଣ୍ଣହୁଏ ଅଭିଳାଷା ।
ସାତଦିନ ରହି ଜନମ ବେଦୀରେ
ବାହୁଡନ୍ତି ଦଇତାରି
ପୂଣ୍ୟ ବଡଦାଣ୍ଡେ ରଥାରୂଢ ହୋଇ
ଢାଳନ୍ତି କରୁଣା ବାରି ।
ବରଷକୁ ଥରେ ଆସନ୍ତି ଶ୍ରୀମୁଖ ପ୍ରିୟ ଜନମ ବେଦୀକୁ
ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସନ୍ତି ସୁଖ ଦୁଃଖ ବାଂଟିବାକୁ ।
ଅଗଣିତ ଭକ୍ତ ଜପି ମହାମନ୍ତ୍ର , ବିନମ୍ର ପ୍ରଣତି ଢାଳି
ସୁଖ ଶାନ୍ତି ଫେରୁ ଏ ମହୀ ମଣ୍ଡଳେ , କରନ୍ତି ପ୍ରଭୁଂକୁ ଅଳି ।

ରାମଚନ୍ଦ୍ର ବେହେରା
*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*




# ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ

◆ ଡ଼ଃ.ଅରୁନ୍ଧତୀ ଦେବୀ



ମହାପ୍ରଭୁ ମାଉସୀମା ଘରେ ରହୁଥିବା ସମୟରେ ଯେଉଁ ସ୍ୱତନ୍ତ୍ର ଦର୍ଶନ ଦେଇଥାନ୍ତି ତାହା ହେଉଛି ଆଡ଼ପ ଦର୍ଶନ । ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହ ବିରାଜିତ ହୋଇଥିବା ସମୟରେ ଆଷାଢ଼ ଶୁକ୍ଳ ନବମୀ ତିଥି ଏକ ବିଶେଷ ତିଥି । ତେବେ ଆଡ଼ପ ସନ୍ଧ୍ୟା ଦର୍ଶନରେ ପୁଣ୍ୟ ଫଳ ପ୍ରାପ୍ତି ବିଷୟରେ ଶାସ୍ତ୍ରରେ ଉଲ୍ଲେଖ ରହିଛି । ସନ୍ଧ୍ୟା ସମୟ ଦେବ ଆରାଧନା, ଦେବଦର୍ଶନ ଓ ସାଧନା ପାଇଁ ପ୍ରକୃଷ୍ଟ ସମୟ ବୋଲି ଉଲ୍ଲେଖ ରହି ଶାସ୍ତ୍ରରେ ଲେଖାଯାଇଛି - 'ନ ଦିବା ପୂଜୟେତ୍ ଦେବଂ ନକ୍ତଂ ନୈବ ଚ ନୈବ ଚ, ସର୍ବଦା ପୂଜୟେତ୍ ଦେବଂ ଦିବାନକ୍ତଂ ବିବର୍ଜୟେତ୍ ।' ରଥଯାତ୍ରାରେ ଆଡ଼ପ ମଣ୍ଡପରେ ଶେଷ ଦର୍ଶନର ସୁଯୋଗ ଏଇ ସନ୍ଧ୍ୟା ଦର୍ଶନ । ସନ୍ଧ୍ୟା ଶବ୍ଦର ଅନ୍ୟ ଏକ ଏବଂ ବାସ୍ତବ ଅର୍ଥ ହେଉଛି ସମ୍ୟକ ଧ୍ୟାନ । ସନ୍ଧ୍ୟାଦର୍ଶନ ହେଉଛି ସମ୍ୟକ ଧ୍ୟାନ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସେହି ଅନନ୍ତ ଫଳପ୍ରାପ୍ତି ହୁଏ । ଲୋକେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲାବେଳେ ସାଧାରଣତଃ ବହୁ ଆର୍ତନେଇ ଯାଇଥାନ୍ତି । କେହି କେହି ଅର୍ଥାର୍ଥୀ ଭାବେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିଥାନ୍ତି । ମାତ୍ର ଜିଜ୍ଞାସୁ ଏବଂ ଜ୍ଞାନୀମାନଙ୍କର ଭକ୍ତି ବିଶେଷ ଧରଣର । ଶ୍ରୀଭଗବାନ ନିଜେ ଗୀତାରେ କହିଛନ୍ତି ନ୍ତତେଷାଂ ଜ୍ଞାନୀ ନିତ୍ୟଯୁକ୍ତଃ ଏକ ଭକ୍ତିର୍ବିଶିଷ୍ୟତେ । ଏକଥା ମଧ୍ୟ ସତ ଯେ ଆଡ଼ପ ମଣ୍ଡପରେ ଦିବସ ଦର୍ଶନ ତୁଳନାରେ ସନ୍ଧ୍ୟାରେ ଦର୍ଶନ କଲେ ଅନେକ ପୁଣ୍ୟ । ସନ୍ଧ୍ୟା ଦର୍ଶନର ଆଉ ଏକ ମହତ୍ୱ ଶ୍ରୀଜିଉଙ୍କ ଦର୍ଶଗନ, ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ଭୋଜନ ଓ ନିଜ ପରିବାର ଜ୍ଞାତି କୁଟୁମ୍ବ ପରିଜନ ଏକାଠି ବସି ଏକପତ୍ରେ ଭୋଜନ ଯେପରି ସୁଖକର, ତଦୂର୍ଦ୍ଧ ପୁଣ୍ୟ ଫଳ ପ୍ରାପ୍ତି ଏବଂ ସପ୍ତପୁରୁଷ ଉଦ୍ଧାର ହେଉଥିବା ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେଣୁ ପ୍ରତ୍ୟେକ ବର୍ଷ ଏହି ଦିନଟିରେ ଆଡ଼ପ ମଣ୍ଡପ ଅତ୍ୟନ୍ତ ପବିତ୍ର ପୁଣ୍ୟପ୍ରଦ । ଯଥାର୍ଥରେ କୁହାଯାଇଛି 'ନୀଳାଦ୍ରୌ ତୁ ସହସ୍ରାଣି ଆଡ଼ପ ମଣ୍ଡପେ ଦିନେ' । ଅର୍ଥାତ୍ ନୀଳାଦ୍ରିରେ ହଜାର ଦିନ ଦର୍ଶନରେ ଯେଉଁ ପୁଣ୍ୟ ହୋଇଥାଏ, ତାହା ସମ୍ଭବ ହୋଇଥାଏ ଆଡ଼ପ ମଣ୍ଡପର ଗୋଟିଏ ଦିନ ଦର୍ଶନରେ । ରାମାନନ୍ଦ ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ରାମ ରୂପରେ ଏହି ନବମୀ ସନ୍ଧ୍ୟାରେ ଦର୍ଶନ କରିଥିଲେ । ପୁନଶ୍ଚ ଶ୍ରୀଜିଉଙ୍କ ଆଡ଼ପ ଅବସ୍ଥାନର ଶେଷ ତିନି ଦିନ ସପ୍ତମୀ, ଅଷ୍ଟମୀ ଓ ନବମୀରେ ଅନୁଷ୍ଠିତ ହୋଇଥାଏ ରାସ । କାର୍ତିକ ମାସରେ ଶରତ ରାସ, ଫାଲଗୁନ ମାସରେ ବସନ୍ତ ରାସ ଓ ଆଷାଢ଼ ମାସରେ ଏକ ପ୍ରାବୃଟ ରାସ ଅନୁଷ୍ଠିତ ହୋଇଥାଏ । ଏଥିରେ ମହାପ୍ରଭୁଙ୍କ ପ୍ରତିନିଧି, ଉତ୍ସବ ଠାକୁର ମଦନମୋହନ ବିଜେ ହୋଇ ଜଗମୋହନ ରାସ ପିଣ୍ଡିକୁ ଆସିଥାନ୍ତି । ସେଠାରେ ଶ୍ରୀଜିଉଙ୍କ ନିକଟରେ ରାସ ପଂଚାଧ୍ୟାୟ ପାଠ ସହ ମହାପ୍ରଭୁଙ୍କୁ କୋରାଭୋଗ ଓ ବନ୍ଦାପନା କରାଯାଏ । ଏହି ରାସ ନବଦିନ ବ୍ରତଧାରୀଙ୍କ ସମେତ ଭକ୍ତ ସମୂହଙ୍କୁ ଭକ୍ତିରସରେ ଆହ୍ଲାଦିତ କରିଥାଏ ।

*ନିର୍ଦ୍ଦେଶିକା-ସମ୍ପାଦିକା,*
*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*
*ମୋ: ୯୯୩୭୧୭୨୮୧୦*

# ପିତୃପୁରୁଷଙ୍କ ପ୍ରିୟ ଆଡ଼ପ ଅଭଡ଼ା

◆ ସୌରଚନ୍ଦ୍ର ମହାପାତ୍ର



ନୀଳଗିରି ଏବେ ଶୂନ୍ୟ ପଡ଼ିଥିବା ବେଳେ ହସି ଉଠୁଛି ସୁନ୍ଦରାଚଳ । ଜନକପୁରୀରେ ଲାଗିଛି ଗହଳଚହଳ । ବିଜେ କାହାଳି ବାଜିବା ପରେ ଘଂଟ ଘଂଟା ମର୍ଦ୍ଦଳ, ଛତ, ତରାସ, ବାଜ, ବୈଜୟନ୍ତୀର ରାଜକୀୟ ପଟୁଆରରେ ହଲିଝୁଲି ରଥରୁ ଓହ୍ଲାଇଥିଲେ ଓଡ଼ିଆ ଜାତିର ସମ୍ରାଟ କଳା ସାଆନ୍ତ ପ୍ରଭୁ ଜଗନ୍ନାଥ । ଏହି ଗୁଣ୍ଡିଚା ମନ୍ଦିରକୁ କେତେକ ଭକ୍ତ ଭୁଲ ବଶତଃ ମାଉସୀ ମା ମନ୍ଦିର ବୋଲି କହିଥାନ୍ତି । ବାସ୍ତବରେ ଏହା ହେଉଛି ପ୍ରଭୁଙ୍କ ଜନ୍ମସ୍ଥାନ । ସ୍କନ୍ଧ ପୁରାଣ ଓ ନୀଳାଦ୍ରୀ ମହୋଦୟ ଅନୁସାରେ ଏହାକୁ ନରସିଂହ କ୍ଷେତ୍ର ବୋଲି କୁହାଯାଇଥାଏ । ପ୍ରଭୁ ନୀଳକଣ୍ଠେଶ୍ୱର ମହାଦେବଙ୍କ ଦକ୍ଷିଣରେ ଅବସ୍ଥିତ ଏହି ପବିତ୍ର କ୍ଷେତ୍ରରେ ନାରଦଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ଠାରେ ହିଁ ଯଜ୍ଞଶାଳା ନିର୍ମାଣ କରିବା ସହ ଯଜ୍ଞ ନୃସିଂହଙ୍କୁ ପ୍ରତିଷ୍ଠା କରି ଥିଲେ । ସେହି ଯଜ୍ଞବେଦୀରେ ଏବେ ଚତୁର୍ଦ୍ଧାମୂର୍ତି ବିଦ୍ୟମାନ କରିଛନ୍ତି । ନୀଳାଦ୍ରୀ ମଣ୍ଡପରେ ବର୍ଷ ବର୍ଷ ଧରି ଦର୍ଶନ କଲେ ଯେତିକି ପୂର୍ଣ୍ଣ ଲାଭ ହୁଏ, ଆଡ଼ପ ମଣ୍ଡପରେ ଏହି ସାତ ଦିନ ଦର୍ଶନରେ ସେତିକି ପୂଣ୍ୟଲାଭ ହୋଇଥାଏ । ଆଡ଼ପ ମଣ୍ଡପରେ ବିଜେ କରିବାପରେ ପ୍ରଭୁଙ୍କୁ ପୁଣି ଅନ୍ନ ବ୍ୟଞ୍ଜନ ନୈବେଦ୍ୟ କରାଯାଉଛି । ଭୋଗ ପ୍ରସ୍ତୁତ ହୋଇ ସାରିବା ପରେ ନୀତି ଅନୁସାରେ ଶ୍ରୀଜୀଉମାନଙ୍କୁ ନୈବେଦ୍ୟ ଅର୍ପଣରେ ଗର୍ଭଗୃହ ବା ବିମାନଗୃହ ସଂଲଗ୍ନ ଜଗମୋହନରେ ବିମଳାଙ୍କା ସ୍ଥିତି କଳ୍ପନା କରାଯାଇଥିବାରୁ ସେଠାରେ ନୈବେଦ୍ୟ ସମର୍ପିତ ହୁଏ । ମାତ୍ର ଗୁଣ୍ଡିଚା ମନ୍ଦିର ଯଜ୍ଞବେଦୀ ହୋଇଥିବାରୁ ଏଠାରେ ବିମଳା ସମର୍ପଣ ସେତେଟା ପରିଗୃହିତ ହୋଇନଥାଏ । ଶ୍ରୀମନ୍ଦିରସ୍ଥିତ ବିମଳା ମନ୍ଦିରକୁ ଥାଳିଏ ଅନ୍ନ ଭୋଗ ପଠାଯାଇ ସାରିବାପରେ ପରିବେଷଣ ଇତ୍ୟାଦି ଆରମ୍ଭ ହୁଏ । ଏହି ପ୍ରସାଦକୁ ଭକ୍ତମାନେ ଆଡ଼ପ ଅଭଡ଼ା ବୋଲି କହିଥାନ୍ତି । ଶ୍ରୀକ୍ଷେତ୍ରର ଅନ୍ୟନାମ ମର୍ତ୍ତ୍ୟବୈକୁଣ୍ଠ । ମା'ଲକ୍ଷ୍ମୀ ନୈବେଦ୍ୟକୁ ରନ୍ଧନ କରିଥାନ୍ତି । ବିଷ୍ଣୁଙ୍କୁ ଅର୍ପିତ ନୈବେଦ୍ୟରୁ କଣିକାଏ ପ୍ରାପ୍ତ କରିବା ପାଇଁ ବିପ୍ର ଓ ଦେବତା ମାନଙ୍କ ପାଇଁ ଦୁର୍ଲ୍ଲଭ ଘଟିଥାଏ । ପଦ୍ମପୁରାଣରେ ଲେଖାଅଛି 'ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂଭୋକ୍ତାଜନାର୍ଦ୍ଦନଃ, ତସ୍ମା□ଦନ୍ନଂ ବିପ୍ରର୍ଷେ ଦୈବତୈରପି ଦୁର୍ଲଭମ୍ ।' ମହାପ୍ରସାଦ, ମହାନନ୍ଦ, ମହାପ୍ରେମ, ମହାଭାବ, ମହାପବିତ୍ରତାର ମୂର୍ତିମନ୍ତ ପ୍ରତୀକ, ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ମହାପ୍ରସାଦ । ଶ୍ରୀଚୈତନ୍ୟ ମହାପ୍ରଭୁ ମହାପ୍ରସାଦର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି - 'ଆଜିମୋର ପୂର୍ଣ୍ଣହେଲ ସବ ଅଭିଳାଷ, ସାର୍ବଭୌମେର ହେଲ ମହାପ୍ରସାଦ.. ବିଶ୍ୱାସ । ଆଜି ନିଷ୍କପଟେ ତୁମି ହେଲା କୃଷ୍ଣାଶ୍ରୟ, କୃଷ୍ଣ ନିଷ୍କପଟେ ହେଲା ତୋମାର ସଦୟ । ଆଜିସେ ଖଣ୍ଡିଲ ତୋମୋର ଦେହାଦି ବନ୍ଧନ, ଆଜି ଛିନ୍ନ କୈଲେତୁମି ମାୟାର ବନ୍ଧନ । ଆଜି କୃଷ୍ଣପ୍ରାପ୍ତି ଯୋଗ୍ୟ ହେଲ ତୋମାରମନ, ବେଦ ଧର୍ମ ଲଙ୍ଘି କୈଲ ପ୍ରସାଦ ଭକ୍ଷଣ ।' ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଅର୍ପିତ ନୈବେଦ୍ୟ ମହାପ୍ରସାଦର ଭୈରବୀଚକ୍ରର ମାହାତ୍ମ୍ୟ ହେତୁ ନଥାଏ ଶୋଚାଶୌଚ, ଭକ୍ଷାଭକ୍ଷ, ଛୁଆଁଅଛୁଆଁ ଭେଦଭାବ । ପ୍ରାଣତୋଷିଣି ତନ୍ତ୍ର ସ୍ୱୀକାରକରେ ଗଙ୍ଗାବାରି ପଛେ ଅପବିତ୍ର ହୋଇପାରେ, ଶିବଙ୍କୁ ଅର୍ପିତ ପ୍ରସାଦରେ ଛୁଆଁ ଦୋଷ ଲାଗିପାରେ ମାତ୍ର ପରଂବ୍ରହ୍ମ ନୀଳାଚଳ ନିବାସୀ ଶ୍ରୀଜଗନ୍ନାଥଙ୍କ ଠାରେ ଅର୍ପିତ ଦ୍ରବ୍ୟ ଛୁଆଁଅଛୁଆଁ ଦୋଷରେ ଦୂଷିତ ହେବନାହିଁ । ଶାସ୍ତ୍ରରେ ଉଲ୍ଲେଖ ରହିଛି - 'ଗଙ୍ଗାତୋୟେ ଶିବାଦୌଚ ସ୍ପର୍ଶ ଦୋଷାଽପି ବର୍ତତେ । ପରଂବ୍ରହ୍ମାର୍ପିତେ ଦ୍ରବ୍ୟେ ସ୍ପୃଷ୍ଟାସ୍ପୃଷ୍ଟର୍ନ ଦୁଷ୍ୟତି, ନାତ୍ରବର୍ଣ୍ଣ ବିଚାରୋଽସ୍ତି ନୋଚ୍ଛିଷ୍ଟାଦି ବିଚାରଣମ୍ । ନ କାଳ ନିୟମୋଽପ୍ୟତ୍ର ଶୌଚାଶୌଚଂ ତଥୈବଚ ।'



ଶୁଷ୍କ ଅର୍ନ୍ନ ମହାପ୍ରସାଦ ସର୍ବସାଧାରଣରେ ନିର୍ମାଲ୍ୟ ନାମରେ ସୁପରିଚିତ । ଶ୍ରୀମନ୍ଦିର ବାହାର ବେଢ଼ା ପରିସରସ୍ଥ ଦକ୍ଷିଣ-ପଶ୍ଚିମ କୋଣରେ ନୀଳାଚଳ ଉପବନ ମଧ୍ୟରେ ନିର୍ମାଲ୍ୟ ମଣ୍ଡପ ବା ନିର୍ମାଲ୍ୟ ଖଳା ରହିଛି । ଶୁଷ୍କ ମହାପ୍ରସାଦର ନିର୍ମାଲ୍ୟ ନାମକରଣ ନେଇ ସ୍କନ୍ଧ ପୁରାଣରେ ଉଲ୍ଲେଖ ରହିଛି - 'ପୁଷ୍ପ ଚନ୍ଦନ ମାଲ୍ୟାଦି ୟଃ ଅଙ୍ଗୈରୁପଧାର୍ଯ୍ୟତେ, ଅପନୀତଂ ଯଥାକାଳେ ନିର୍ମାଲ୍ୟଂ ତତ୍ ପ୍ରକୀର୍ତିତମ୍ ।'ଶ୍ରୀକ୍ଷେତ୍ରରେ ଏବେ ଶହ ଶହ ଭକ୍ତ, ସାଧୁସନ୍ଥ ଓ ସନ୍ୟାସୀ ମାନେ ନବଦିନ ବ୍ରତ ପାଳନ କରୁଛନ୍ତି । ଏହି ବ୍ରତ ପାଳନକାରୀମାନେ ଆଡ଼ପ ଅଭଡ଼ା ସେବନ କରିବା ସହ ପ୍ରଭୁଙ୍କ ଦର୍ଶନ କରୁଛନ୍ତି । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଭକ୍ତଗଣ ଆଡ଼ପ ଅଭଡ଼ା ଅର୍ପଣ କରିଚାଲିଛନ୍ତି । ଶ୍ରୀମନ୍ଦିର ପରି ଗୁଣ୍ଡିଚା ମନ୍ଦିରରେ ଥିବା ରୋଷଘରେ ଏହି ଅଭଡ଼ା ପ୍ରସ୍ତୁତ ହେଉଛି । ମାତ୍ରାଧିକ ଦର ସତ୍ତ୍ୱେ ଭକ୍ତମାନେ ବହୁ ସଂଖ୍ୟାରେ ଆଡ଼ପ ଅଭଡ଼ା କିଣିଥିବା ପରିଲକ୍ଷିତ ହେଉଛି । ମହାପ୍ରଭୁ ଅଗ୍ରଜ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ମାଉସୀ ଘରେ ଥିବା ସମୟରେ ଆଡ଼ପ ଅଭଡ଼ା ଭକ୍ତଜନଙ୍କ ପାଇଁ ଦୁର୍ମୂଲ୍ୟ ହୋଇ ଥାଏ । କେହି କେହି ଜଗନ୍ନାଥଙ୍କ ଶ୍ରଦ୍ଧାଳୁ ଏହି ଆଡ଼ପ ଅଭଡ଼ା ଅତିରିକ୍ତ ମୂଲ୍ୟ ହୋଇଥିଲେ ବି କିଣି ଗରିବ ଅସହାୟ ଲୋକ ମାନଙ୍କୁ ବାଂଟିଥାନ୍ତି ତ କେହି କେହି ବ୍ରାହ୍ମଣ ମାନଙ୍କୁ ଭୋଜନ ଦେଇ ଅଶେଷ ପୂଣ୍ୟ ଅର୍ଜନ କରିଥାନ୍ତି । ଶାସ୍ତ୍ରରେ କୁହାଯାଇଛି ଆଡ଼ପ ଅଭଡ଼ା ସ୍ୱୟଂ ନିର୍ମାଲ୍ୟତୁଲ୍ୟ । ଏହାକୁ ଟିକିଏ ପାଇବା ପାଇଁ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ବିଭିନ୍ନ ରାଜ୍ୟ, ବିଭିନ୍ନ ପ୍ରାନ୍ତରରୁ ଛୁଟି ଆସିଥାନ୍ତି । ଜୟ ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*୯୪୩୭୦୦୪୪୬୬'*
*ସତ୍ୟାଳୟ' ପ୍ଲଟ ନଂ -୧୦୮୭ /ଡ଼ି, ସେକ୍ଟର-୬, କଟକ-*
*ମୋ-୯୪୩୭୦୦୪୪୬୬*

# ଜାତୀୟ ପତାକା ସ୍ୱୀକୃତି ଦିବସ

◆ ଡ଼ଃ.ଅରୁନ୍ଧତୀ ଦେବୀ



୧୯୪୭ ଜୁଲାଇ ୨୨କୁ ଜାତୀୟ ପତାକା ସ୍ୱୀକୃତି ଦିବସ ଭାବେ ପାଳନ କରାଯାଏ । ଏହି ଦିନ ଭାରତର ଜାତୀୟ ପତାକା ତ୍ରିରଙ୍ଗାକୁ ସମ୍ବିଧାନ ସଭାରେ ସ୍ୱୀକୃତି ମିଳିଥିଲା । ୧୯୦୭ରେ ଭିକାଜୀ କାମା ପ୍ରଥମେ ବର୍ଲିନ କମିଟିରେ ଭାରତୀୟ ପତାକା ଉଡାଇ ଥିଲେ । ୧୯୩୧ରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ତିନୋଟି ରଙ୍ଗକୁ ନେଇ ଜାତୀୟ ପତାକା ହେବ ବୋଲି ନିଷ୍ପତି ନିଆଗଲା । ଜୁଲାଇ ୨୨, ୧୯୪୭ରେ ସମ୍ବିଧାନ ସଭାରେ ଭାରତୀୟ ଜାତୀୟ ପତାକାକୁ ଗ୍ରହଣ କରାଗଲା । ଏଥିରେ କଂଗ୍ରେସର ପତାକାରେ ଥିବା ଅରଖ ବଦଳରେ ଅଶୋକ ଚକ୍ରକୁ ସାମିଲ କରାଗଲା । ଜାତୀୟ ପତାକାରେ ଥିବା କମଳା ରଙ୍ଗ ସାହସ ଓ ଶକ୍ତିର ପ୍ରତୀକ, ଧଳା ରଙ୍ଗ ଓ ଅଶୋକ ଚକ୍ର ଶାନ୍ତି ଓ ସତ୍ୟର ପ୍ରତୀକ, ସବୁଜ ରଙ୍ଗ ଉନ୍ନତି, ଉର୍ବରତା ଓ ପବିତ୍ରତାର ପ୍ରତୀକ । ପ୍ରତ୍ୟେକ ଦେଶର ଜାତୀୟ ପତାକା ସେ ଦେଶର ଗର୍ବ, ଗୌରବ, ଅଭିବୃଦ୍ଧି, ଜନ୍ମ ଇତିହାସ ଓ ସଂକଳ୍ପକୁ ସ୍ୱୀକୃତି ଦେଇଥାଏ । ପୃଥିବୀର ଅନ୍ୟତମ ବିଶାଳ ଓ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ପାଇଥିବା ଭାରତ ତାର ଜାତୀୟ ପତାକାକୁ ନେଇ ଗୌରବାନ୍ୱିତ । ଆଜି ଜାତୀୟ ପତାକା ସ୍ୱୀକୃତି ଦିବସ ଅବସରରେ ପ୍ରତି ଭାରତୀୟଙ୍କ ସହ ଜଣେ ଭାରତୀୟ ଭାବେ ଏହି ପତାକାକୁ ନମ୍ରତାର ସହ ସମ୍ମାନ ଜଣାଇ ଭାରତର ଅଭିବୃଦ୍ଧି ଓ ଅଖଣ୍ଡ ଗୌରବ କାମନା କରୁଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, : ୯୯୩୭୧୭୨୮୧୦*

# ଆତ୍ମତ୍ୟାଗର ପ୍ରତୀକ ମାଆ ରମାଦେବୀ


◆ ଡକ୍ଟର ଦୀପା ନାଗ



ଆତ୍ମତ୍ୟାଗ, ସେବା, ପରୋପକାର, ସଦ୍‌ବିଚାରର ପ୍ରତିମୂର୍ତି, ଦେଶପୂଜ୍ୟା ରମାଦେବୀ ହଜାର ବର୍ଷର ପରିଚୟକୁ ନେଇ ସମୃଦ୍ଧ କଟକ ସହରରେ ଜନ୍ମ ହୋଇଥିଲେ । ତାଙ୍କ ବାପଘର ଓ ମାମୁଁଘର କହିବାକୁଗଲେ ଓଡ଼ିଶାର ଖାନ୍‌ଦାନି ବୁନିଆଦ୍‌ର ଲୋକଥିଲେ । ପ୍ରାତଃ ସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନ ଦାସ ତାଙ୍କ ବଡ଼ବାପା । ଓଡ଼ିଶାର ଗୋଟିଏ ଆଦ୍ୟ ଉପନ୍ୟାସ 'ଭୀମା ଭୂୟାଁ'ର ଲେଖକ ଗୋପାଳ ବଲ୍ଲଭ ଦାସ ଥିଲେ ତତ୍କାଳୀନ ସମୟର ଜଣେ ଡେପୁଟି କଲେକ୍ଟର ହେଉଛନ୍ତି ତାଙ୍କ ବାପା । ତାଙ୍କ ମା'ବସନ୍ତ କୁମାରୀ ଦେବୀ ନନ୍ଦକିଶୋର ଦାସଙ୍କ କନ୍ୟା । ବିଶ୍ୱର ମହୀୟସୀ ମହିଳାଙ୍କ ମଧ୍ୟରେ ରମାଦେବୀ ଅନ୍ୟତମ । ସେ ଥିଲେ ବିପ୍ଳବ ଓ ସେବା, କରୁଣା ଓ ଦୃଢ଼ତା, ସମ୍ବେଦନଶୀଳତା ଓ ନୀତିବାଦିତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଅପୂର୍ବ ଦୀପ୍ତିରେ ତେଜସ୍ୱିନୀ ଏହି ମହିଳା ସାରା ଓଡ଼ିଶାରେ ମାଆ ଭାବେ ପରିଚିତ ଥିଲେ । ସେବା, ତ୍ୟାଗ ଓ ସତ୍ ବିଚାରର ସାକ୍ଷାତ ପ୍ରତିମୂର୍ତି ମାଆ ରମାଦେବୀ ଗୋଷ୍ଠୀ ସଂକୀର୍ଣ୍ଣତା, ଭେଦଭାବ, ଛୁଆଁ-ଅଛୁଆଁ, ଅନ୍ଧବିଶ୍ୱାସ, କୁସଂସ୍କାର ଆଦି ବିରୋଧରେ ଆଜୀବନ ଲଢ଼ିଥିଲେ । ସେ କହୁଥିଲେ ନାରୀକୁ ପରିବାର ସେବା ସହ ସମାଜସେବା ଦାୟିତ୍ୱ ମଧ୍ୟ ବହନ କରିବାକୁ ହେବ ଏବଂ ଉଭୟ କାମ ସୁଚାରୁ ରୂପେ ତୁଲାଇବାର କଳା ଆୟତ କରିବା ହିଁ ହେବ ନାରୀର ସାଧନା । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କନିଷ୍ଠ ଭ୍ରାତା ତଥା ଭୀମା ଭୂୟାଁର ଲେଖକ ଗୋପାଳବଲ୍ଲଭ ଦାସଙ୍କର ସେ କନ୍ୟା । ରମାଦେବୀଙ୍କର ଡାକ ନାମ ଥିଲା ବେଲୁ । ସ୍ନେହ ସରାଗ, ପ୍ରାଚୁର୍ଯ୍ୟ ବୈଭବ ମଧ୍ୟରେ ସେ ବଢ଼ିଥିଲେ । ମାତ୍ର ପନ୍ଦର ବର୍ଷ ବୟସରେ ତାଙ୍କର ବିବାହ ହୋଇ ଥିଲା । ସୁନା ଅଳଙ୍କାରରେ ଛାଉଣି ହୋଇ ସେ ବେଦିରେ ବସିଥିଲେ । ବାପଘର ପରି ଶାଶୂଘରେ ମଧ୍ୟ କୌଣସିଥିରେ ଅଭାବ ନଥିଲା । ତେବେ, ବିବାହର ସାତ ବର୍ଷ ପରେ ମହାତ୍ମା ଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପରେ ଜୀବନର ସବୁଠାରୁ ବଡ଼ ପରିବର୍ତନ ଘଟିଥିଲା । ବେଶଭୂଷା, ଚାଲିଚଳନ, ଆଚାର ବ୍ୟବହାର ସବୁ ବଦଳିଥିଲା । ଶସ୍ତା ଖଦଡ଼ ପିନ୍ଧିବା ଆରମ୍ଭ କରିଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । କିଛି କାଳ ପରେ ପତି ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ବରୀରେ ପ୍ରତିଷ୍ଠା କରିଥିଲେ ସେବାଘର ଆଶ୍ରମ, ଯେଉଁଠି ଆଦର୍ଶ ଓ କର୍ମମୟ ଜୀବନର ବହୁ ବର୍ଷ କଟିଥିଲା । ୧୯୫୮ରେ ପତିଙ୍କ ଦେହାନ୍ତ ପର୍ଯ୍ୟନ୍ତ ବରୀ ଥିଲା ମୁଖ୍ୟ ଠିକଣା । ପତିଙ୍କ ମୃତ୍ୟୁରେ ବ୍ୟଥିତ ହୋଇ ବରୀ ଓ ସେବାଘର ଛାଡ଼ିଥିଲେ । ତେବେ ଭାଙ୍ଗିପଡ଼ି ନଥିଲେ ରମାଦେବୀ । ଶେଷ ପର୍ଯ୍ୟନ୍ତ ସେବା ହିଁ ଥିଲା ଜୀବନର ଆଭିମୁଖ୍ୟ । ୧୯୮୫ ଜୁଲାଇ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା । ଶ୍ରଦ୍ଧାଞ୍ଜଳିରେ କବି ରାଧାମୋହନ ଗଡ଼ନାୟକ ଲେଖିଥିଲେ 'ବହୁ ଖେତେ', 'ବହୁ ପଥେ, ଦେଖୁଅଛି ମୁହିଁ ପଥଚାରୀ, ବହୁ ବିପ୍ଳବିନୀ ନେତ୍ରୀ, ବହୁ ଯୁଗନାରୀ, ମାତ୍ର ଜଣଙ୍କର ଲାଗି ଅନ୍ତରେ ମୋ ବିନମ୍ର ପ୍ରଣାମ, କିଏ ସେ ଜାଣିଛ ବନ୍ଧୁ ? ଜାଣ ତାର ନାମ ରମାଦେବୀ, ମାତୃସମା ସିଏ ରମାଦେବୀ' ।

*ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, କଟକ*






# ମାଉସୀ ମା' ମନ୍ଦିର ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ସୁବ୍ୟବସ୍ଥା



ଲଙ୍ଗଳେଶ୍ୱର : (ନିପ୍ର ) ପବିତ୍ର ହେରା ପଂଚମୀ ଅବସରରେ ମହାବଳା ମାଉସୀ ମା' ମନ୍ଦିର ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା । ସକାଳୁ ମନ୍ଦିର ପରିସରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଶ୍ରଦ୍ଧାଳୁମାନେ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଭକ୍ତି ଓ ଶ୍ରଦ୍ଧାର ସହ ପ୍ରସାଦ ସେବନ କରି ଥିଲେ । ଏହି ପୁଣ୍ୟ ଅବସରରେ ମହାବଳା ମାଉସୀ ମା' ମନ୍ଦିର କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ବସି ପ୍ରସାଦ ସେବନ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ପିଇବା ପାଣି, ପରିଷ୍କାର-ପରିଚ୍ଛନ୍ନତା ଏବଂ ସ୍ୱେଚ୍ଛାସେବୀଙ୍କ ସହଯୋଗ ରେ ସୁଚାରୁ ଭାବେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇ ଥିଲା । ଶତାଧିକ ସ୍ୱେଚ୍ଛାସେବୀ ଶୃଙ୍ଖଳାର ସହ ଭକ୍ତମାନଙ୍କୁ ମହାପ୍ରସାଦ ପରଷିବାରେ ନିୟୋଜିତ ଥିଲେ । ହେରା ପଂଚମୀର ଏହି ପବିତ୍ର ଦିବସରେ ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରି ଥିଲେ । ମନ୍ଦିର ପରିସର ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ମୁଖରିତ ହୋଇ ଉଠିଥିଲା । ଭକ୍ତି, ସେବା ଓ ସମର୍ପଣର ଏହି ମହାନ ପରମ୍ପରା ଅନେକଙ୍କ ପ୍ରଶଂସା ସାଉଁଟିଥିଲା । ମହାବଳା ମାଉସୀ ମା' ମନ୍ଦିର କମିଟିର ଏଭଳି ମହତ୍ କାର୍ଯ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକତା, ସେବାଭାବ ଏବଂ ସନାତନ ସଂସ୍କୃତିର ମହାନ ବାର୍ତା ପହଂଚାଇ ଥିବା ବେଳେ, ଆଗାମୀ ଦିନରେ ମଧ୍ୟ ଏଭଳି ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି ।

# ୟୁଏନ୍ କଲେଜ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ସୋର : (ସପ୍ର) ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷ ଭାବେ ହୃଦୟ ରଂଜନ ବେହେରା ଯୋଗଦାନ କରିଛନ୍ତି । ସରକାରଙ୍କ ଆଦେଶ ମୁତାବକ ୮୦ ଗୋଟି ଅନୁଦାନପ୍ରାପ୍ତ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କର ନିଯୁକ୍ତି ଅନୁସାରେ ଅମର୍ଦ୍ଦା କଲେଜର ରସାୟନ ବିଭାଗ ରିଡ଼ର ଶ୍ରୀ ବେହେରା ଏହି ଦାୟିତ୍ୱ ଏଠାରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ରତ୍ନାକର ମୁଦୁଲିଙ୍କଠାରୁ ଗ୍ରହଣ କରି କଲେଜରେ ଉନ୍ନତ ପାଠପଢ଼ା ଏବଂ ଅଭାବ ଅସୁବିଧା ଉପରେ ଅଧିକ ଗୁରୁତ୍ୱ ଦେବେବୋଲି କହିଛନ୍ତି । ଏହି ଅବସରରେ କଲେଜ ଅଧ୍ୟାପକ ଦୟାନିଧି ସିଟ୍, ରବିନାରାୟଣ ପରିଡ଼ା, ମାନସ ରଂଜନ ପଣ୍ଡା, ମୁଖ୍ୟ କିରାଣି ପ୍ରଭାତ ରଂଜନ ଜେନା, ଆଶତୋଷ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହଇ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ।

# ଶ୍ରାବଣର ପ୍ରଥମ ସୋମବାର ଚଳଚଂଚଳ ଲଙ୍ଗଳେଶ୍ୱର ଶୈବପୀଠ

ଲଙ୍ଗଳେଶ୍ୱର : ((ନିପ୍ର )ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର, ଚଳଚଂଚଳ ରାଜ୍ୟର ବିଭିନ୍ନ ଶୈବପୀଠ । ମନୋକାମନା ପୂରଣ ପାଇଁ ବାଲେଶ୍ୱର ଜିଲ୍ଲାର ପୁରାଣ ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର, ଭୁଷଣ୍ଡେଶ୍ୱର, ପଂଚଲିଙ୍ଗେଶ୍ୱର ଓ ଲଙ୍ଗଳେଶ୍ୱର ଶୈବ ପୀଠ ଭକ୍ତ ତଥା ମାନସିକଧାରୀ ଭକ୍ତ ମାନଙ୍କ ଦ୍ୱାରା ଚଳଚଂଚଳ ହୋଇ ଉଠିଥିବା ବେଳେ,ହରହର ମହାଦେବ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ । ତେବେ ପୁରାଣ ବର୍ଣ୍ଣିତ ଶୈବପୀଠ ଲଙ୍ଗଳେଶ୍ୱର ରେ ପ୍ରଥମ ସୋମବାର ପୁରୁଷ ଓ ମହିଳା ଭକ୍ତଙ୍କ ସମାଗମ ହୋଇଥିଲା ବେଳେ, ବାବାଙ୍କ ମୁଣ୍ଡରେ ପାଣି ଢାଳିବାପାଇଁ



ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି । ହର ହର ମହାଦେବ ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଛି । ଶ୍ରାବଣ ମାସର ପ୍ରଥମ ସୋମବାରରେ ଭଗବାନ ଶିବଙ୍କ ପୂଜା ଓ ଉପାସନାର ବିଶେଷ ମହତ୍ୱ ରହିଥିବାରୁ ଦୂର-ଦୂରାନ୍ତରୁ ମଧ୍ୟ ଅନେକ ଭକ୍ତ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରି ନିଜ ଓ ପରିବାରର ସୁଖ, ଶାନ୍ତି ଏବଂ ମଙ୍ଗଳ କାମନା କରୁଛନ୍ତି । ତେବେ ଲଙ୍ଗଳେଶ୍ୱର ପୀଠରେ ବୈଶିଷ୍ଟ୍ୟ ହର ଓ ପାର୍ବତୀଙ୍କ ମନ୍ଦିର ପରସ୍ପର ସମ୍ମୁଖକୁ ମୁହଁ କରି ରହିଥିବାରୁ,ହର- ପାର୍ବତୀଙ୍କ ମନ୍ଦିର ର ଅନେକ ପୌରାଣିକ କିମ୍ବଦନ୍ତୀ ରହିଛି । ଏଠାରେ ମାନସିକ ଧାରୀଙ୍କ ସମସ୍ତ ମନୋକାମନା ପୂରଣ ହେଉଥିବାର ଭକ୍ତମାନେ ପ୍ରକାଶ କରିଛନ୍ତି ।

# ବାରିପଦାରେ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ

## ✦ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ବାର୍ତାଳାପ

## ✦ତୃଣମୂଳ ସ୍ତରର ସମସ୍ୟାର ସମାଧାନକୁ ସର୍ବାଧିକ ପ୍ରାଥମିକତା : ଉପମୁଖ୍ୟମନ୍ତ୍ରୀ

ବାରିପଦା : ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍.ଏସ୍.ସି.ବି.) ବିଶ୍ୱବିଦ୍ୟାଳୟ କନଭେନସନ୍ ହଲ୍‌ରେ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସମାଜର ଶେଷ ସ୍ତରର ଲୋକଙ୍କ ପାଖରେ ସରକାରଙ୍କ ଜନହିତକର ଯୋଜନାକୁ ପହଂଚାଉଥିବା ପ୍ରମୁଖ ଆଧାର । ସେମାନଙ୍କ ତୃଣମୂଳ ସ୍ତରର ସମସ୍ୟାର ସମାଧାନ ଏବଂ କାର୍ଯ୍ୟପରିବେଶର ଉନ୍ନତି ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, 'ସୁଭଦ୍ରା' ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତିଭୂମିର ବିକାଶ, ପାଚେରି ନିର୍ମାଣ, ସୁପରଭାଇଜର ପଦବୀ ପୂରଣ, ଏସ୍.ଏନ୍.ପି. ଅନ୍ତର୍ଗତ ଅଣ୍ଡାର ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେହିପରି ସୁଭଦ୍ରା ଯୋଜନାର ପରବର୍ତୀ କିସ୍ତି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଚାଲିଥିବା ବିଷୟ ମଧ୍ୟ ସେ ସୂଚନା ଦେଇଥିଲେ । ଏହି ଅବସରରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ



ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସମାଜରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପ୍ରାରମ୍ଭିକ ଶିକ୍ଷାର ଦୃଢ଼ ଭିତି ସୃଷ୍ଟି କରୁଛନ୍ତି । ସେମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ଯୋଗୁଁ ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସଫଳତାର ସହ ଲୋକଙ୍କ ନିକଟରେ ପହଂଚିପାରୁଛି । ସରକାର ସେମାନଙ୍କ କାର୍ଯ୍ୟକୁ ସର୍ବଦା ସମ୍ମାନ ଦେବା ସହ ସେମାନଙ୍କ କଲ୍ୟାଣ ଓ ସୁବିଧା ପ୍ରତି ପ୍ରତିବଦ୍ଧ ବୋଲି ସେ କହିଥିଲେ । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୮୦୦ରୁ ଅଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏହି ବାର୍ତାଳାପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ମତବିନିମୟ କରିଥିଲେ । ଏହି ଅବସରରେ ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ପରାମର୍ଶ ଓ ଦାବି ଉପସ୍ଥାପନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ସେଗୁଡ଼ିକର ଗୁରୁତ୍ୱର ସହ ସମୀକ୍ଷା କରି ଯଥାଶୀଘ୍ର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ କୃତିବାସ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନ ପକ୍ଷରୁ ଧାମନଗର ବ୍ଲକ ୩୦ ଟି ପଂଚାୟତ ବିକାଶ ଲାଗି ଅନୁମୋଦିତ କାର୍ଯ୍ୟ ଖସଡ଼ା

ଧାମନଗର :ଗ୍ରାମାଂଚଳର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ପଂଚାୟତ ଯୋଜନା ରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ର ୩୦ ଟି ପଂଚାୟତର ବିକାଶ ଲାଗି ବିସ୍ତୃତ ଆକ୍ସନ ପ୍ଲାନ୍ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ଜଣାପଡିଛି । ପଂଚାୟତିରାଜ ବିଭାଗ ତତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ୩୬୮ ଟି ଅନୁମୋଦିତ କାର୍ଯ୍ୟ ମଧ୍ୟରେ ଜଳ ସମ୍ପଦ ପରିଚାଳନା, ଗ୍ରାମାଂଚଳର ଭିତି ଭୂମି ବିକାଶ, ଜୀବିକା, ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା, ଶ୍ରମିକ ଙ୍କ ସୁବିଧା, କୃଷି, ରୋଜଗାର, ଜଳ ସଂରକ୍ଷଣ, ପ୍ରମୁଖ ପ୍ରକଳ୍ପ ସାମିଲ ହୋଇଛି । ଆସନ୍ତା ଅଗଷ୍ଟ ୧୫ ପରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର : (ନିପ୍ର ) ରବିବାର ସନ୍ଧ୍ୟା ୬ ଘଟିକା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ର ଚତୁର୍ଥ ଦିବସ ଅବସରରେ ଶ୍ରୀ ଗୁଣ୍ଡିଚା ମାଉସୀମା ମନ୍ଦିର, ଜଳେଶ୍ୱର ପରିସରରେ ପ୍ରତିଭା ଅନ୍ୱେଷଣ କୁନି କୁନି ପିଲାମାନେ ନୃତ୍ୟାଭିନୟ ଓ ସଂଗୀତ ପ୍ରତିଯୋଗୀତାର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ବିଚାରକ ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଓ ପ୍ରାକ୍ତନ ଶିକ୍ଷକ କମଳ ଲୋଚନ ମହାପାତ୍ର, ଟ୍ରଷ୍ଟ ସଭାପତି ଚନ୍ଦନ କୁମାର ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, କୋଷାଧକ୍ଷ ନିଳାଦ୍ରୀ କର, ଯୋଗଦାନ କରିଥିଲେ । ସିନିୟର୍ ନୃତ୍ୟ ବିଭାଗରେ ପଥମ ରାଜଶ୍ରୀ ଦାସ, ଦ୍ୱିତୀୟ ଅନୁସୂୟା ପାଳ, ତୃତୀୟ ସୁଚିତ୍ରା ମହାପାତ୍ର ଜୁନିୟର ନୃତ୍ୟ ବିଭାଗରେ ପ୍ରଥମ ଶ୍ରଦ୍ଧାଶ୍ରୀ ମହାପାତ୍ର, ଦ୍ୱିତୀୟ ପ୍ରିତମ ପ୍ରିୟଦର୍ଶିନୀ ପ୍ରଧାନ, ତୃତୀୟ ତନଭି ଦାସ ଙ୍କୁ ମୋମେଂଟ ଓ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ମଂଚରେ ଡଃ ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ, କମଳଲୋଚନ ମହାପାତ୍ର,ଉପସ୍ଥିତ ଥିଲେ ଟ୍ରଷ୍ଟ ସଦସ୍ୟ ସମୀର କୁମାର ପାତ୍ର,ସମାଜ ସେବୀ ଅମର କୁମାର ବେହେରା,ମଂଚ ଆମନ୍ତ୍ରଣ କରିଥିଲେ ତନ୍ଦନ କୁମାର ବେଜ, ଧନ୍ୟବାଦ ଅର୍ପଣ କରିଥିଲେ ଅମର କୁମାର ବେହେରା ।

# ସୁନାଚେନ ଲୁଟ୍ ଘଟଣାରେ ୩ ଦୁର୍ବୃତଙ୍କ ସହିତ ଗହଣା ଦୋକାନୀ ଗିରଫ

ସୋର : (ସପ୍ର)- ଜିଲାର ବିଭିନ୍ନ ସ୍ଥାନରୁ ସୁନାଚେନ ଛିନତାଇ ଘଟଣାରେ ୩ଜଣ ଦୁର୍ବୃତଙ୍କ ସହିତ ଜଣେ ଗହଣା ଦୋକାନୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ସୋର ପୁଲିସ । ସୂଚନା ଅନୁସାରେ ଗତ କିଛିଦିନ ତଳେ ସୋର ରାଇପୁର ଗ୍ରାମର ଜଣେ ମହିଳା ଫୁଲ ତୋଳୁଥିବା ବେଳେ ଦୁଇଜଣ ଦୁର୍ବୃତ ଏକ ବାଇକରେ ଆସି ତାଙ୍କ ବେକରେ ପିନ୍ଧିଥିବା ୧୪ଗ୍ରାମର ସୁନାଚେନ ଝାମ୍ପିନେଇଥିଲେ । ମହିଳା ଜଣଙ୍କ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଗତକାଲି ରାତିରେ ସୋର ପୁଲିସ ପକ୍ଷରୁ ପୋଟ୍ରୋଲିଂ କରାଯାଉଥିବା ବେଳେ ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରାଯିବାରୁ ସେମାନେ ଲୁଟ କରିଥିବା ସ୍ୱୀକାର କରିଥିଲେ । ପରେ ପୁଲିସ ଅଧିକ ତଦନ୍ତ କରି ସୁନା ବିକ୍ରି କରାଯାଇଥିବା ଦୋକାନୀ ବାଲେଶ୍ୱର ଟାଉନ ଥାନା ଅଧୀନସ୍ଥ ଯଶୋଦା ଜୁଏଲାରୀର ମାଲିକଙ୍କୁ ଅଟକ ରଖିବା ସହିତ ତାଙ୍କ ନିକଟରୁ ବିଭିନ୍ନ ଚୋରି ଅଳଙ୍କାର ଜବତ କରିଥିଲେ । ଦୁର୍ବୃତମାନଙ୍କ ଠାରୁ ଏକ ଲକ୍ଷ ଟଙ୍କା ଓ ଏକ ପଲସର ବାଇକ ଜବତ କରାଯାଇଛି । ସେମାନଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ୧୫ରୁ ଅଧିକ ମାମଲା ଥିବା ପୁଲିସ୍ ସୂଚନା ଦେଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସଦର ଥାନା ଅଧୀନସ୍ଥ ଚନ୍ଦନ ବେହେରା,ମନୋରଞ୍ଜନ ମଲିକ, ରବିନାରାୟଣ ବେହେରା ଓ ଗହଣା ଦୋକାନୀ ସୀତାରାମ ରଣା । ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

# ରେଲୱେ ଫ୍ଲାଏ ଓଭରବ୍ରିଜ୍‌ରେ ବରଗଛ

ସୋର : (ସପ୍ର) ସୋର ଉତରେଶ୍ୱରଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ନିର୍ମିତ ଲେବୁଲକ୍ରସିଂ ଫ୍ଲାଏ ଓଭରବ୍ରିଜ୍‌ର ଉଭୟ ପାଶ୍ୱରେ ଏବେ ବରଗଛ ଉଠି ବଢ଼ିବାରେ ଲାଗିଛି । ଯାହା ଫଳରେ ଆଗାମୀ ଦିନରେ ଏହି ଗଛ ବ୍ରିଜର ସୁରକ୍ଷାରେ ବିପଦ ସୃଷ୍ଟି କରିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ବର-ଓସ୍ତ ଗଛଗୁଡ଼ିକ ଧୀରେ ଧୀରେ ବଢ଼ି ଚାଲିଥିବା ବେଳେ ପୂର୍ତ ବିଭାଗ ଏହା ଉପରେ ଦୃଷ୍ଟି ଦେଉ ନଥିବାରୁ ଏହାକୁ ତୁରନ୍ତ ସଫା କରି ବ୍ରିଜକୁ ସୁରକ୍ଷିତ ରଖିବା ପାଇଁ ସାଧାରଣରେ ଦାବି ହୋଇଛି ।

# ଜେଏସ୍ଏମ୍ କଲେଜ ଅଫ୍ କମର୍ସରେ ଷଷ୍ଠ ତମ ଗ୍ରାଜୁଏସନ୍ ଦିବସ ପାଳିତ

ବଲାଙ୍ଗୀର : (ହି.ସ.) ସ୍ଥାନୀୟ ଜେଏସ୍ଏମ୍ କଲେଜ ଆଫ୍ ଆର୍ଟସ, ସାଇନ୍ସ ଆଣ୍ଡ କମର୍ସ ତରଫରୁ କଲେଜ ପରିସରରେ ଷଷ୍ଠ ଗ୍ରାଜୁଏସନ୍ ସେରିମୋନି ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଏସିଷ୍ଟାଂଟ ପ୍ରଫେସର ଡ.ଜଗଜିତ କମିଲା ଯୋଗଦେଇ ନିଜ ବକ୍ତବ୍ୟରେ କଲେଜର ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ନିଜର କ୍ୟାରିୟରକୁ ନୂଆ ରୂପରେ ଗଠନ କରିବା ସହ ଏହି କଲେଜରୁ ଆହୋରଣ କରିଥିବା ଜ୍ଞାନ ଓ ଅଭିଜ୍ଞତାକୁ ଦେଶଜାତିର ସେବାରେ ଉତ୍ସର୍ଗ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବରେ କଳାହାଣ୍ଡିର ଡେପୁଟି କଲେକ୍ଟର ତଥା ବଲାଙ୍ଗୀର ମାଟିର ଝିଅ ଓ ଏଏସ୍ ଶୁଭସ୍ମିତା ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ନିଷ୍ଠା ଓ ଆତ୍ମବିଶ୍ୱାସର ସହ ନିଜକୁ ଏକ ସୁନାଗରିକ ଭାବରେ ଗଢ଼ିବାକୁ ଆର୍ଶିବଚନ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ କଲେଜର ମୁଖ୍ୟ ଉପଦେଷ୍ଟା ମନୋରଂଜନ ସାହୁ, ନିର୍ଦ୍ଦେଶକ ପୀତବାସ ପଣ୍ଡା ପ୍ରମୁଖ ମଂଚାସୀନ ରହି ଆଜିର ଦିବସ ଉପରେ ଧାରଣା ଦେଇ ଛାତ୍ରଛାତ୍ରୀ ମାନେ ନିଜର କୃତିତ୍ୱ ପାଇଁ ପିତାମାତା ଓ ଗୁରୁଜନ ମାନଙ୍କ ପ୍ରତି କୃତଜ୍ଞ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ସିଏ ଶ୍ରୀକାନ୍ତ ଶର୍ମା ସମସ୍ତ କୃତୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ସମାରୋହକୁ କଲେଜର ଭାଇସ୍ ପ୍ରିନ୍ସିପାଲ ଏବିରାମ ଲିଷ୍ମା ସଂଯୋଜନା କରିଥିଲେ । ଏହି ଅବସରରେ ୮ଜଣ ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ କଲେଜର ଗୌରବ ବଢ଼ାଇଥିବା ସିଏ ଫାଇନାଲ ଛାତ୍ର ଅବିନାଶ ମେହେର, ସିଏମ୍ଏ ଫାଉଣ୍ଡେସନ ଛାତ୍ର ସୁନିଧି ଅଗ୍ରୱାଲ, ପି. ଗିରିଜା ସୁବୁଦ୍ଧି ଓ ସିଏ ଫାଉଣ୍ଡେସନ ଛାତ୍ର ଅଖିଳେଶ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜର ଅଧ୍ୟକ୍ଷା ଡ. ମନସ୍ମିତା ମିଶ୍ର ବିବରଣୀ ପାଠ କରିଥିବା ବେଳେ କ୍ରିଷ୍ଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ କଲେଜର ସୁମନ ଶର୍ମା, ସ୍ୱରୂପା ଠାକୁର, ଗୋବିନ୍ଦ ମିଶ୍ର, ପବିତ୍ର ଦାସ, ଶଙ୍କର ପାଣିଗ୍ରାହୀ, ଶୈଳେଶ ପାଲ, ତନୁଜା ମିଶ୍ର, ଶେଷାଦ୍ରୀ ସ୍ୱାଇଁ, ଅଧ୍ୟାପକ ସୌମ୍ୟରଂଜନ ଭୋଇ, ପ୍ରିୟବ୍ରତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ । ଏହି ସମାରୋହରେ ବହୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଏବଂ ଅଭିଭାବକ ଯୋଗ ଦେଇଥିଲେ ।

# ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ

ନୟାଗଡ : ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମର ନୂଆସାହି ଠାରେ ବିରାଜିତ ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଦିନ ମହାଆଡମ୍ବରରେ ଅନୁଷ୍ଠିତ ହୋଇ ଯାଇଛି । ସକାଳୁ ସକାଳୁ ବେଦଜ୍ଞ ବ୍ରାହ୍ମଣ ଧନେଶ୍ୱର ତ୍ରିପାଠୀ, ଧର୍ମାନନ୍ଦ ପତି ଓ ସୁକାନ୍ତ ତ୍ରିପାଠୀ ଙ୍କ ଦ୍ୱାରା ସମସ୍ତ ନିତି କାନ୍ତି ପୂଜା ବିଧି ସହିତ ସାହାଡ଼ା ଗଛ ବରଣ କରି ଆଣିବା ପରେ ଯଜ୍ଞ କୁଣ୍ଡରେ ଉଅଗ୍ନି ସ୍ଥାପନା କରି ସମସ୍ତ ଦେବଦେବୀ ମାନଙ୍କୁ ଘୃତାହୂତି ପ୍ରଦାନ କରାଯାଇଥିଲା । ଭକ୍ତମାନଙ୍କ ମନୋରଞ୍ଜନ କରିବା ନିମନ୍ତେ ନିକଟସ୍ଥ ହରିହରପୁର ଗ୍ରାମ ମହିଳା ସଂକୀର୍ତନ ପରିବେଷଣ କରା ଯାଇଥିଲା । ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ଓ ନୂତନ ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମାପନ ହୋଇଥିଲା । ହନୁମାନ ଜୀଉଙ୍କ ନବ ନିର୍ମିତ ମନ୍ଦିର ଶିଖରରେ ଧାନ,ମୁଗ, ବିରି, କୋଳଥ ଆଦି ଶସ୍ୟ, ସୁନା, ରୂପା, ତମ୍ବା ଆଦି ରତ୍ନ ସହିତ ବିଭିନ୍ନ ମୁଦ୍ରା ଇତ୍ୟାଦି ଭର୍ତି କରି ମନ୍ଦିରର ଦଧିନଉତି ସ୍ଥାପନା କରଯାଇଥିଲା । ସନ୍ତୋଷ କୁମାର ମହାରଣା କର୍ତା ଓ ତାଙ୍କ ସହଧର୍ମିଣୀ ଉର୍ମିଳା ପରିଡ଼ା କର୍ତୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସମାଗମ ହୋଇଥିଲା । ସଂକୀର୍ତନ ପରିବେଷଣ, ହରିବୋଲ ହୁଳହୁଳି ଶବ୍ଦରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ରବିନ୍ଦ୍ର କୁମାର ପ୍ରଧାନ, ସୁଶାନ୍ତ କୁମାର ନାୟକ, ଶଙ୍କର୍ଷଣ ପଢିଆରୀ, ପ୍ରହଲ୍ଲାଦ ଦଳେଇ, ଗୋପାଳ ପ୍ରଧାନ,ଶାନ୍ତନୁ କୁମାର ମନ୍ତ୍ରୀ, ମହେଶ୍ୱର ପଢିଆଳି, ଶରତ ଚନ୍ଦ୍ର ନାୟକ, ଭୀମସେନ ଡାକୁଆ, ରଘୁନାଥ ବେହେରା, ବିଜୟ କୁମାର ନାୟକ ଏବଂ ମନ୍ଦିର ସେବାୟତ ଶଙ୍କର ଦାଶଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିବା ଜଣାପଡିଛି ।

# ଯୁଗ୍ମ ଅଭିଯୋଗ ଶୁଣାଣୀ

ବଲାଙ୍ଗୀର : (ହି.ସ.) ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଆଜି ବଙ୍ଗୋମୁଣ୍ଡା ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣୀ ଶିବିରରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୬୮ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୪୯ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୧୯ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୦୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଶିବିରରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିବାବେଳେ, ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତୁଶ୍ରୀ ମେହେର ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଧାମନଗର କଲେଜ ପକ୍ଷରୁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ପାଳିତ




ଧାମନଗର : ଧାମନଗର କଲେଜର 'ଶକ୍ତିଶ୍ରୀ ଏମପାୱାରମେଂଟ ସେଲ୍' ଆନୁକୂଲ୍ୟରେ ଦୋବଲ ପଂଚାୟତ କଲ୍ୟାଣ ମଣ୍ଡପ ଠାରେ ୫ ଦିନିଆ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷା ଯୋଗାଇବା, ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ସମାଜରେ ଆତ୍ମନିର୍ଭର ଶୀଳତା ଓ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଉଦ୍‌ଯାପନୀ ଦିବସରେ କଲେଜର ଅଧ୍ୟକ୍ଷ ଅଜୟ କୁମାର ବେଜ୍ ସଭାପତିତ୍ୱ ଆସିୟାନା ର ସଚିବ ସୋଫିଆ ସେକ୍ ମୁଖ୍ୟ ବକ୍ତା, ଦୋବଲ ପଂଚାୟତର ସରପଂଚ ଅଶୋକ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ସ୍ଥାନୀୟ ଅଂଚଳର ମହିଳାମାନେ ଏବଂ ସି.ଆର୍.ପି. ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।ଏଥିରେ ଛାତ୍ରୀ ମାନଙ୍କ ମଧ୍ୟ ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା,କାର୍ଯ୍ୟକ୍ରମ ର ସଂଯୋଜିକା ଅମୀତା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ,ଅଧ୍ୟାପିକା ବିଶ୍ୱଜିତା ବାରିକ ଅତିଥି ଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଅଧ୍ୟାପିକା ସ୍ମରଣିକା ପ୍ରଧାନ,ଗୀତାଞ୍ଜଳି ଦେବତା, ବାସ୍ତବିକା ଦାସ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ପ୍ରତିଯୋଗିତା ଙ୍କୁ ଅତିଥି ମାନପତ୍ର ପ୍ରଦାନ କରିଥିଲେ ।



# ଧସୁଛି ଗେଙ୍ଗୁଟି ନଦୀବନ୍ଧ, ରକ୍ଷଣାବେକ୍ଷଣ ଅଭାବରୁ ସୃଷ୍ଟି ହେଲାଣି ବିରାଟ ଘାଇ; ବାଲିବସ୍ତା ଭରସାରେ ଜଳସମ୍ପଦ ବିଭାଗ

ଧାମନଗର(ନିପ୍ର): ସରକାର ନଦୀବନ୍ଧ ଗୁଡ଼ିକର ସୁଦୃଢ଼ୀକରଣ ଓ ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ମଞ୍ଜୁର କରୁଛନ୍ତି । ହେଲେ ବିଭାଗୀୟ ଅଧିକାରି ଓ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଏବଂ ନିୟମିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ନିର୍ମାଣର କିଛି ଦିନ ପରେ ନଦୀବନ୍ଧ ଗୁଡ଼ିକ ବିପଜ୍ଜନକ ଭାବେ ଧସିବାରେ ଲାଗିଛି । ଧାମନଗର ବ୍ଲକ୍ ଗେଙ୍ଗୁଟି ନଦୀବନ୍ଧ ଜ୍ୱଳନ୍ତ ଉଦାହରଣ ପାଲଟିଛି । ମୁସ୍ତଫାପୁର ପଂଚାୟତର ଗୋବିନ୍ଦାଗଡ଼ିଆରୁ ରାମେଶ୍ୱରପୁର ପର୍ଯ୍ୟନ୍ତ ନଦୀବନ୍ଧର ମରାମତି ଓ ପ୍ରଶସ୍ତିକରଣ ପାଇଁ ପ୍ରାୟ ୫ ବର୍ଷ ତଳେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା । ସରକାରୀ ଆକଳନ ଅନୁଯାୟୀ ଏହି ନଦୀବନ୍ଧ ସୁଦୃଢ଼ ହେବା ଫଳରେ ସ୍ଥାନୀୟ ଅଂଚଳବାସୀ ବନ୍ୟା ଦାଉରୁ ରକ୍ଷା ପାଇବେ ବୋଲି ଆଶା ରଖିଥିଲେ । ମାତ୍ର ପ୍ରକଳ୍ପ



ଶେଷ ହେବା ପରେ ବିଭାଗ ପକ୍ଷରୁ ପ୍ରତିବର୍ଷ ଯେଉଁ ନିୟମିତ ରକ୍ଷଣାବେକ୍ଷଣ କରାଯିବା କଥା, ତାହା ସମ୍ପୂର୍ଣ୍ଣ ଆଖିବୁଜି ଦିଆଗଲା । ଫଳରେ ସରକାରୀ ପାଣ୍ଠିର ଅପବ୍ୟୟ ହେବା ସହ ଏବେ ବନ୍ଧର ଅବସ୍ଥା ଅତ୍ୟନ୍ତ ସଙ୍କଟଜନକ ହୋଇପଡ଼ିଛି । ଗୋବିନ୍ଦାଗଡ଼ିଆ, ବେଲମଲା, ରଘୁନାଥପୁର, ଦୋବଲ, ସୋଧ ଏବଂ କୋଲେଇପଦା ଦେଇ ରାମେଶ୍ୱରପୁର ଯାଏଁ ଲମ୍ବିଥିବା ପ୍ରାୟ ୪ କିଲୋମିଟର ଦୀର୍ଘ ଏହି ନଦୀବନ୍ଧରେ ସ୍ଥାନେ ସ୍ଥାନେ ବିରାଟ ବିରାଟ ଗର୍ତ୍ତ ଓ ଘାଇ ସୃଷ୍ଟି ହୋଇଛି । ବର୍ଷା ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଗଡ଼ି ଗଡ଼ି ବନ୍ଧର ମାଟି ଧୋଇଯାଇଛି । କେତେକ ସ୍ଥାନରେ ଏହି ଘାଇ ନଦୀବନ୍ଧର ମଝି ଭାଗ ପର୍ଯ୍ୟନ୍ତ ବ୍ୟାପିଗଲାଣି, ଯାହା ଗମନାଗମନ ପାଇଁ ମଧ ବିପଦ ସୃଷ୍ଟି କରୁଛି । ସମଗ୍ର ୪ କିଲୋମିଟର ରାସ୍ତାରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ସ୍ଥାନରେ ଏଭଳି ସଙ୍କଟଜନକ ସ୍ଥିତି ଉପୁଜିଛି । ବୈତରଣୀ ନଦୀର ବଳକା ଜଳ ଶାଖା ନଦୀ 'ଗେଙ୍ଗୁଟି' ଦେଇ ପ୍ରବାହିତ ହୋଇଥାଏ । ବର୍ଷା ଋତୁରେ ବୈତରଣୀରେ ଜଳସ୍ତର ବୃଦ୍ଧି ପାଇଲେ ଗେଙ୍ଗୁଟିରେ ହଠାତ୍ ଅତ୍ୟାଧିକ ପାଣି ଆସିଥାଏ । ଏହି ନଦୀଟି ସମ୍ପୂର୍ଣ୍ଣ ଭାବେ ଅଙ୍କାବଙ୍କା ହୋଇଥିବାରୁ ବନ୍ୟା ଜଳର ପ୍ରଚଣ୍ଡ ସ୍ରୋତ ସିଧାସଳଖ ନଦୀବନ୍ଧ ଉପରେ ଚାପ ପକାଇଥାଏ । ପୂର୍ବରୁ ମଧ ବେଲମଳାରୁ ରାମେଶ୍ୱରପୁର ମଧ୍ୟରେ ଏକାଧିକ ବାର ଭୟଙ୍କର ଘାଇ ସୃଷ୍ଟି ହୋଇ ଆଖପାଖ ଅଂଚଳ ଜଳମଗ୍ନ ହୋଇଥିବାର ତିକ୍ତ ଅନୁଭୂତି ରହିଛି । ଏହି ସମ୍ବେଦନଶୀଳ ସ୍ଥିତି ସମ୍ପର୍କରେ ଜଳସମ୍ପଦ ବିଭାଗର ଏସ ଡି ଓ ଶମ୍ଭୁ ନାଥ ମଲିକ କହିଛନ୍ତି, ଆମେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ । ବର୍ତ୍ତମାନ ବର୍ଷା ଦିନ ଚାଲିଥିବାରୁ କାଦୁଅ ଯୋଗୁଁ ସୂଖିଲା ମାଟି ମିଳିବା ସମ୍ଭବ ହେଉନାହିଁ, ଏବଂ ବନ୍ଧର ସ୍ଥାୟୀ ମରାମତି କାମ ମଧ ଏହି ସମୟରେ କରିବା କଷ୍ଟକର । ତେବେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଧସିଥିବା ଏବଂ ଘାଇ ହୋଇଥିବା ସ୍ଥାନଗୁଡ଼ିକରେ ବାଲି ବସ୍ତା ପକାଇ ବନ୍ଧକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଶାସନ ତୁରନ୍ତ ଏହାକୁ ଗୁରୁତ୍ୱର ସହ ନେଇ ସ୍ଥାୟୀ ପ୍ରତିକାର କରିବାକୁ ନଦୀକୂଳିଆ ଲୋକମାନେ ଦାବିକରିଛନ୍ତି ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ବରାହନୃସଂହ ଅବତାର



ନୀଳଗିରି(ନିପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ମାଉସା ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ବରାହନୃଶିଙ୍ଘ ଅବତାରରେ ଦର୍ଶନ ଦେଇଛନ୍ତି । ପ୍ରଭୁଙ୍କ ଏହି ରୂପ ଦର୍ଶନ ପାଇଁ ମାଉସୀ ମା' ମନ୍ଦିରରେ ଗହଳି ଦେଖାଦେଇଛି । ପୂଜକ ହରି ବନ୍ଧୁ କର ମହାପ୍ରଭୁଙ୍କର ତୃତୀୟ ଶ୍ରୀକ୍ଷେତ୍ରର ପରମ୍ପରା ଅନୁଯାୟୀ ରୀତିନୀତି କରାଇଥିବା ସୂଚନା ଦେଇଛନ୍ତି ।

## ଗଡ଼ିଆରେ ପଡ଼ି ୨ ଶିଶୁ ମୃତ

ନୀଳଗିରି(ନିପ୍ର): ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୫.୩୦ ମିନିଟ ସମୟରେ ନୀଳଗିରି ବ୍ଲକ ଛତ୍ରପୁର ପଂଚାୟତର ମଧୁପୁରିଆ ଗ୍ରାମର ଦଶରଥ ହାସଦା ଙ୍କ ନାବକ ପୁତ୍ର ଦୀପକ ହାସଦା ୧୭ ମାସର ଓ ତାଙ୍କ ସାନ ଭାଇ ସୁନା ରାମ ହାସଦାଙ୍କ କନ୍ୟା ସ୍ମୃତି ହାସଦା ୧୫ ମାସ ଖେଳୁ ଖେଳୁ ନିକଟରେ ଥିବା ଗଡ଼ିଆରେ ପଡ଼ିଯାଇ ଥିଲେ । ଉଭୟଙ୍କ ମା ସଂନ୍ଧ୍ୟା ଆଳତି କରୁଥିଲେ । ପରେ ପିଲାଙ୍କୁ ନପାଇ ଖଜା ଖଜି କରିଥିଲେ । ନିକଟରେ ଥିବା ଗଡ଼ିଆରେ ଭାସୁଥିବା ଦେଖି ସଙ୍ଗେସଙ୍ଗେ ୨ ଶିଶୁ ଙ୍କୁ ଉଦ୍ଧାର କରି ବରହମପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲ । ଘଟଣା ସ୍ଥଳରେ ବରହମପୁର ଥାନା ଭାର ପ୍ରାପ୍ତ ଅଧିକାରୀ ମନୋରଂଜନ ପୁହାଣ ଓ ଏ.ଏସ୍.ଆଇ. ମଞ୍ଜିତ ବେହେରା ପହଂଚି ଶବକୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ ।

# ପରିଚାଳନା କମିଟି ଗଠନକୁ ନେଇ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା

ସିମୁଳିଆ(ନିପ୍ର): ବିଦ୍ୟାଳୟର ପରିଚାଳନା କମିଟି ଗଠନ ନକରାଇଦେବା ପ୍ରତିବାଦରେ ଅଭିଭାବକମାନଙ୍କ ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା । ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କନ୍ହେଇବିନ୍ଧା ଦଶଭୁଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୧୪ ତାରିଖରେ ବିଦ୍ୟାଳୟରେ ପରିଚାଳନା ଗଠନ ନେଇ ବିଦ୍ୟାଳୟ ପକ୍ଷରୁ ଅଭିଭାବକ ମାନଙ୍କୁ ଡକାଯାଇଥିଲା କ୍ଷ କମିଟି ଗଠନ ନେଇ ସରକାରଙ୍କର ନିୟମ ଅନୁସାରେ ପରିଚାଳନା ଗଠନ ନେଇ ଆବଶ୍ୟକ ଅଭିଭାବକ ମାନେ ମଧ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀଙ୍କ



ତତ୍ୱାବଧାନରେ କମିଟି ଗଠନ ହୋଇଥିଲା । ୧୪ଜଣ ସଭ୍ୟସଭ୍ୟାମାନେ ମନୋନୀତ ହୋଇଥିଲେ । ୧୭ତାରିଖ ରେ ଗଠନ ହୋଇଥିବା କମିଟିର ସଭ୍ୟସଭ୍ୟାଙ୍କ ଭିତରୁ ଚ୍ୟାୟାରମେନ ମନୋନୀତ ହେବାକୁ ଥିବା ବେଳେ, ଏହି କମିଟିକୁ ବାତିଲ କରି ପୁର୍ନବାର ଆଉ ଏକ କମିଟି ଗଠନ ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ନିର୍ବାଚିତ ହୋଇଥିବା ସଭ୍ୟସଭ୍ୟା ମାନେ ବିଦ୍ୟାଳୟ କାର୍ଯ୍ୟଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଏ ବିଷୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ପଚାରିବାରୁ ମୁଁ ସରକାରଙ୍କର ସମସ୍ତ ନିୟମ ଅନୁସାରେ କମିଟି ଗଠନ କରିଥିଲି । କିନ୍ତୁ କାହିଁକି ଉପରିସ୍ଥ ଅଧିକାରୀ ଉକ୍ତ କମିଟି ଗଠନ ଠିକ ହୋଇନାହିଁ କହି ତଦନ୍ତ କାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ତାହା ମୁଁ ଜାଣି ନାହିଁ । ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ ପ୍ରଧାନଶିକ୍ଷୟତ୍ରୀ ଠିକ ରୂପେ କମିଟି ଗଠନ କରି ନାହାଁନ୍ତି ବୋଲି କହିବା ସହ ତଦନ୍ତ ରିପୋର୍ଟ ଆସିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏବବାଦରେ ଅଭିବାବକମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିବା ବେଳେ ଯଦି ଆଗାମୀ ୭ ଦିନ ମଧ୍ୟରେ ଏହାର ଉଚିତ ସମାଧାନ ନହୁଏ ତେବେ ସେମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ନୟାଗଡ(ନିପ୍ର): ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକ ସ୍ତରୀୟ ଜନ ଶୁଣାଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଛି । ଉକ୍ତ ଜନ ଶୁଣାଣି ରେ ନୟାଗଡ଼ ବ୍ଲକ ବିଡ଼ିଓ ଶ୍ରୀମତୀ ଐଶ୍ୱର୍ଯ୍ୟା ଭୂୟାଁ ଯୋଗଦେଇ ଥିଲେ ଓ ବି ଇ ଓ ଶ୍ରୀମତୀ ମୁନରାଣୀ ମହାନ୍ତି ତତ୍ୱାବଧାନ ରେ ଜନ ଶୁଣାଣି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ବ୍ଲକ ସାମାଜିକ ସମୀକ୍ଷକ ଶ୍ରୀ ପ୍ରକାଶ ଚନ୍ଦ୍ର ବଳିଆର ସିଂହ ଉପସ୍ଥିତ ରହି ସମସ୍ୟା ଗୁଡ଼ିକ ଉପସ୍ଥାପନା କରିଥିଲେ । ବ୍ଲକର୩୦ ଗୋଟି ବିଦ୍ୟାଳୟ ରେ ସାମାଜିକ ସମୀକ୍ଷା କାର୍ଯ୍ୟ ସମ୍ପାଦିତ ହୋଇଥିଲା । ମୋଟ ୧୩୭ ଗୋଟି ଇସ୍ୟୁ ଉପରେ ଆଲୋଚନା ହୋଇଥିଲା । ସେଥି ମଧ୍ୟରେ ପାନୀୟ ଜଳର ପର୍ଯ୍ୟାପ୍ତ ନଥିବା, ଟଏଲେଟ୍ ନଥିବା,କ୍ଲାସ ରୁମ ଅଭାବ, ଖେଳ ପଡ଼ିଆ ଇତ୍ୟାଦି ସହିତ ଫିଟ୍ ଇଣ୍ଡିଆ ଇକୋ କ୍ଲବ ଗଠନ ହୋଇନଥିବା ପରି ଇସ୍ୟୁ ଆଲୋଚନା କରାଯାଇଥିଲା । ଏଗୁଡ଼ିକ ତୁରନ୍ତ କରିବାକୁ ବିଡ଼ିଓ ମାଡାମ୍ ନିର୍ଦ୍ଦେଶ ଦେଇଥିଲେ ଓ ବିଦ୍ୟାଳୟ ରେ ଥିବା କମ୍ପୋଜିଟ ଫଣ୍ଡର ବ୍ୟବହାର କରି ସମାଧାନ ପାଇଁ ବ୍ୟବସ୍ଥା କରାଇବାକୁ ପରାମର୍ଶ ଦେଇଥିଲେ । ସାମାଜିକ ସମୀକ୍ଷା ସାହାଯ୍ୟ କାରି ଟିମ ବିଦ୍ୟାଳୟ ରେ ଅଭିଭାବକ ସହଯୋଗ କଲେ ଅନେକ ଉନ୍ନତି ହୋଇପାରିବ ବୋଲି ମତ ରଖିଥିଲେ । ବିଡ଼ିଓ ମଡାମ ବାଳିକା ଶିକ୍ଷା କୁ ଗୁରୁତ୍ୱ ଶିଶୁ ବିବାହ ରୋକିବା ଓ ବିଦ୍ୟାଳୟ ର ଉର୍ନତି ପାଇଁ ବ୍ଲକର ସହଯୋଗ ସମ୍ପୂର୍ଣ୍ଣ ଅଛି ଯାହା ବି ସମସ୍ୟା ଅଛି ଦୃଷ୍ଟି ଗୋଚର କୁ ଆଣିବାକୁ ପରାମର୍ଶ ଦେଇଥିଲେ ।

# ଦହି ସରବତ ଏବଂ ଥଣ୍ଡା ପାନୀୟ ଜଳ ବଂଟନ



ନୀଳଗିରି(ନିପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରିର ତୃତୀୟ ଶ୍ରୀକ୍ଷେତ୍ର ଚଳଚଂଚଳ ହୋଇ ଉଠିଛି । ମହାପ୍ରଭୁଙ୍କୁ ଦର୍ଶନ ପାଇଁ ର୍ସଂ ଲକ୍ଷାଧିକ ଭକ୍ତମାନଙ୍କ ସମାଗମ ହୋଇଥିଲା । ଏହି ଅବସରରେ ଉତର ଓଡ଼ିଶା କଲ୍ୟାଣ ସମାଜ ଗୋଷ୍ଠୀ ମାନଙ୍କ ପକ୍ଷରୁ ୧୦ ହଜାର ଭକ୍ତ ମାନଙ୍କ ପାଇଁ ଦହି ସରବତ ଏବଂ ଥଣ୍ଡା ପାନୀୟର ଦେଉଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀ ର ମୁଖ୍ୟ ଓମ୍ ପ୍ରକାଶ ଜେନା, ଶ୍ରୁତି ସୁନ୍ଦର ପ୍ରଧାନ, ଜଗେଶ୍ୱର ବେହେରା, ଜସ୍ମିନ୍ ଦାସ, ସୁନିଲ୍ କୁମାର୍ ବେହେରା, ଆଦିତ୍ୟ ରାଉତ, ଗୌତମ ଦାସ ଏବଂ ଅନ୍ୟ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ଏହି ସହଯୋଗ କରିଥିଲେ । ଏଭଳି ମହାନ କାର୍ଯ୍ୟକୁ ବିଭିନ୍ନ ମାହଲରୁ ପ୍ରଶଂସା କରାଯାଇଛି ।

# ଗ୍ରାମାଂଚଳର ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ଠାରେ ଆଜି ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କରକମଳରେ ମା' ଆଦିଶକ୍ତି ଉଦ୍ୟୋଗ ପରିସରର ଶୁଭ ଉଦଘାଟନ କରାଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସହଭାଗିତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି ଉଦ୍ୟୋଗ ପରିସର ମାଧ୍ୟମରେ ୫୦୦ରୁ ଅଧିକ ମହିଳା ଉପକୃତ ହେବେ ବୋଲି ଜଣାଯାଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ



ଶ୍ରୀମତୀ ପରିଡା କହିଥିଲେ ଯେ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ସ୍ୱାବଲମ୍ବନ ରାଜ୍ୟ ସରକାରଙ୍କ ପ୍ରାଥମିକତା । ଦକ୍ଷତା ବିକାଶ ଓ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ମାଧ୍ୟମରେ ଗ୍ରାମାଂଚଳର ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଥିଲେ. ଉଦ୍ୟୋଗ ପରିସରରେ ସିଲାଇ, ଛତୁ ଚାଷ, ଶାଳପତ୍ର ଥାଳି ପ୍ରସ୍ତୁତି, ଅଗରବତୀ, ମହମବତୀ ଏବଂ ଛତୁଆ ପ୍ରସ୍ତୁତି ଭଳି ବିଭିନ୍ନ ଜୀବିକାମୂଳକ ପ୍ରଶିକ୍ଷଣ ଓ ଉତ୍ପାଦନ କାର୍ଯ୍ୟକ୍ରମର ସୁବିଧା ଉପଲବ୍ଧ ହେବ । ଏହା ମାଧ୍ୟମରେ ମହିଳା ମାନେ ନିଜ କୌଶଳର ବିକାଶ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ । ଏହି ଉଦ୍ୟୋଗ ପରିସର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦା ଦ୍ୱାରା ପରିଚାଳିତ ହେବ । ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମହିଳାମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧକ୍ଷ ଡ. ବୁଦ୍ଧାନ ମୁର୍ମୁ, ଏସ୍ଡିସି ଉପାଧକ୍ଷା କୌଶଲ୍ୟା ସିଂ, ଜିଲ୍ଲାପାଳ ହେମକାନ୍ତ ସାଏ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ବହୁ ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, ମିଶନ ଶକ୍ତିର ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ଝୁଲନ୍ତା ଅବସ୍ଥାରେ ଯୁବକ ଉଦ୍ଧାର

ସିମୁଳିଆ(ନିପ୍ର): ଚେନ୍ନାଇରେ ଯୁବକଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର, ଶୋକାକୁଳ ପରିବେଷରେ ଗାଁରେ ଦିଆଗଲା କବର । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତର ରଘୁନାଥପୁର ଗ୍ରାମର ମିର ଐହମଦ ହୁସେନଙ୍କ ପୁଅ ମିର ମୁବାରକ ହୁସେନ (୨୨)ବର୍ଷ ପରିବାର ପ୍ରତିପୋଷଣ ନିମନ୍ତେ ଚେନ୍ନାଇରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ କ୍ଷ ଗୁରୁବାର ଦିନ ରହୁଥିବା ସ୍ଥାନରୁ ପୋଲିସ ଦ୍ୱାରା ଝୁଲନ୍ତା ଅବସ୍ଥାରେ ଠାବ କରି ତଦନ୍ତ ଆରମ୍ଭ କରିଛି । ପୁଅ ମୃତ୍ୟୁ ଖବର ପାଇ ପରିବାର ଲୋକେ ଶବକୁ ଆଣି ରଘୁନାଥପୁର ଠାରେ ଏକ ଶୋକାକୁଳ ପରିବେଶରେ ଶବଟିକୁ କବର ଦିଆଯାଇଛି କ୍ଷ ତେବେ ମୃତ୍ୟୁର କାରଣ ଜଣା ପଡିନି । ଖବର ପାଇ ବିଜେପି ଯୁବନେତା ନୀଳମାଧ୍ୱ ପଣ୍ଡା ମୃତକ ବାସଭବନରେ ପହଂଚି ପରିବାରକୁ ସମବେଦନା ଜଣାଇଛନ୍ତି ।

# ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କ ନୂତନ ମନ୍ଦିରର ରନ୍ତ୍ରମୁଗ୍ଧ ଉତ୍ସବ

ନୟାଗଡ଼(ନିପ୍ର): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଗ୍ରାମର ନୂଆସାହି ଠାରେ ବିରାଜିତ ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଦିନ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ସକାଳୁ ବେଦଜ୍ଞ ବ୍ରାହ୍ମଣ ଧନେଶ୍ୱର ତ୍ରିପାଠୀ, ଧର୍ମାନନ୍ଦ ପତି ଓ ସୁକାନ୍ତ ତ୍ରିପାଠୀ ଙ୍କ ଦ୍ୱାରା ସମସ୍ତ ନିତି କାନ୍ତି ପୂଜା ବିଧି ସହିତ ସାହାଡ଼ା ଗଛ ବରଣ କରି ଆଣିବା ପରେ ଯଜ୍ଞ କୁଣ୍ଡରେ ଉଅଗ୍ନି ସ୍ଥାପନା କରି ସମସ୍ତ ଦେବଦେବୀ ମାନଙ୍କୁ ଘୃତାହୂତି ପ୍ରଦାନ କରାଯାଇଥିଲା । ଭକ୍ତମାନଙ୍କ ମନୋରଞ୍ଜନ କରିବା ନିମନ୍ତେ ନିକଟସ୍ଥ ହରିହରପୁର ଗ୍ରାମ ମହିଳା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ଓ ନୂତନ ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମାପନ ହୋଇଥିଲା । ହନୁମାନ ଜୀଉଙ୍କ ନବ ନିର୍ମିତ ମନ୍ଦିର ଶିଖରରେ ଧାନ, ମୁଗ, ବିରି, କୋଳଥ ଆଦି ଶସ୍ୟ, ସୁନା, ରୂପା, ତମ୍ବା ଆଦି ରତ୍ନ ସହିତ ବିଭିନ୍ନ ମୁଦ୍ରା ଇତ୍ୟାଦି ଭର୍ତ୍ତି କରି ମନ୍ଦିରର ଦଧିନଉତି ସ୍ଥାପନା କରଯାଇଥିଲା । ସନ୍ତୋଷ କୁମାର ମହାରଣା କର୍ତ୍ତା ଓ ତାଙ୍କ ସହଧର୍ମିଣୀ ଉର୍ମିଳା ପରିଡ଼ା କର୍ତ୍ତୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସମାଗମ ହୋଇଥିଲା । ସଂକୀର୍ତ୍ତନ ପରିବେଷଣ, ହରିବୋଲ ହୁଳହୁଳି ଶବ୍ଦରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ରବିନ୍ଦ୍ର କୁମାର ପ୍ରଧାନ, ସୁଶାନ୍ତ କୁମାର ନାୟକ, ଶଙ୍କର୍ଷଣ ପଡିଆରୀ,ପ୍ରହଲ୍ଲାଦ ଦଳେଇ, ଗୋପାଳ ପ୍ରଧାନ, ଶାନ୍ତନୁ କୁମାର ମନ୍ତ୍ରୀ, ମହେଶ୍ୱର ପଡିଆଳି, ଶରତ ଚନ୍ଦ୍ର ନାୟକ, ଭୀମସେନ ଡାକୁଆ, ରଘୁନାଥ ବେହେରା,ବିଜୟ କୁମାର ନାୟକ ଏବଂ ମନ୍ଦିର ସେବାସୀ ଶଙ୍କର ଦାଶଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିବା ଜଣାପଡିଛି ।





# ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା



ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥିତ ଡି.ଏମ୍.ଏଫ୍. ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ସମସ୍ତ ନିର୍ବାଚନୀ ପ୍ରକ୍ରିୟା ଓ ବ୍ୟବସ୍ଥାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏଥିସହ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳ ଯଥା, ଭାରତୀୟ ଜନତା ପାର୍ଟିର ସାଂସଦ ଓ ବିଧାୟକଙ୍କ ପ୍ରତିନିଧି ଏବଂ ଜିଲ୍ଲା ସଭାପତି, ଭାରତୀୟ ଜାତୀୟ କଂଗ୍ରେସ, ବିଜୁ ଜନତା ଦଳ, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ପାର୍ଟିର ପ୍ରତିନିଧିମାନେ ଉପସ୍ଥିତ ରହି ଭୋଟର ତାଲିକା ସମ୍ବନ୍ଧୀୟ ଆଲୋଚନାରେ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଉତରାଂଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ସଂଗ୍ରାମ କେଶରୀ ମହାପାତ୍ର ପ୍ରକାଶ କରିଥିଲେ ଯେ, 'ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଜବୁତ କରିବା ପାଇଁ ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଅତ୍ୟନ୍ତ ଆବଶ୍ୟକ । ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ନିଜର ମତାଧିକାରରୁ ବଂଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ।' ଏହି ବୈଠକରେ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଦାବି ଓ ଆପତି ରିପୋର୍ଟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୁଥ୍ ସ୍ତରୀୟ ସହାୟତା, ବୁଥ୍ ଚିହ୍ନଟ ପ୍ରକ୍ରିୟା, ଏବଂ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକୁ ଅଧିକ ସୁଗମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବାବଦରେ ସମୀକ୍ଷା ହୋଇଥିଲା । ଏହି ବୈଠକରେ ଲଳିତ କୁମାର ସୋରେନ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଇ.ଆର୍.ଓ. (୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ), ସବ୍ୟସାଚୀ ପଣ୍ଡା, ଉପ-ଜିଲ୍ଲାପାଳ, ଝାରସୁଗୁଡ଼ା ତଥା ଇ.ଆର୍.ଓ. (୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ), ଲୋପାମୁଦ୍ରା କାଲୋ, ଡେପୁଟି କଲେକ୍ଟର (ନିର୍ବାଚନ), ରୀତାକାନ୍ତି ବଳିଆରସିଂହ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କୃଷ୍ଣକେଶ ବଳିଆରସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ନୋଡାଲ ଅଫିସର ନିର୍ବାଚନ (ମିଡିଆ), ଝାରସୁଗୁଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଠକ ଶେଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମସ୍ତ ଅଧିକାରୀ, ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହେରା ପଂଚମୀ ତିଥ୍ୟରେ ତୁକୁଲାରେ ତିନି ମନ୍ଦିର ଶୁଭ କୁମ୍ଭ ଭରଣ

ନୂଆପଡ଼ା, (ନି.ପ୍ର): ଗତ ସୋମବାର ହେରା ପଂଚମୀ ପବିତ୍ର ତିଥି ଅବସରରେ ଖଡ଼ିଆଳ ବ୍ଲକ ତୁକୁଲାରେ ନବ ନିର୍ମିତ ମାଁ ଗାୟତ୍ରୀ ମନ୍ଦିର, ଶ୍ରୀ ମହାକାଳ ମନ୍ଦିର ଓ ଶ୍ରୀ ରାଧା କୃଷ୍ଣ ମନ୍ଦିରର ଶୁଭ କୁମ୍ଭଭରଣ ଉତ୍ସବ ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରେ ସମଗ୍ର ତୁକୁଲା ଅଂଚଳ ଧାର୍ମିକ ପରିବେଶରେ ପରିପୂର୍ଣ୍ଣ ହୋଇଉଠିଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ଏବଂ ସମ୍ମାନିତ ଅତିଥି ଭାବେ ଟିଟିଲା ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ କୁମ୍ଭଭରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହା ବ୍ୟତୀତ ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତି ଓ ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ ମଧ୍ୟ । ଉପସ୍ଥିତ ଥିଲେ ।ଗାୟତ୍ରୀ । ମନ୍ଦୀ ଟ୍ରଷ୍ଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ଟଙ୍କଧର ପଟେଲ, ସମ୍ପାଦକ ମଧୁସୁଦନ ମେହେର, ନିର୍ମାଣ କମିଟି ସଭାପତି ରାଜକୁମାର ଖେମକା ଓ ସମ୍ପାଦକ ଗଣେଶ ଚନ୍ଦ୍ର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିରମାନଙ୍କର କର୍ତା ଭାବେ ଗାୟତ୍ରୀ ମନ୍ଦିରର ନାଥ ରଣା ଓ ତାଙ୍କ ଧର୍ମୀଣୀ ଦିନବାଦୀ ରଣା, ମହାକାଳ ମନ୍ଦିରର ଅଶୋକ କୁମାର ଅଗ୍ରୱାଲ ଓ ତାଙ୍କ ଧର୍ମୀଣୀ ରାଧାବାଇ ଅଗ୍ରୱାଲ, ରାଧାକୃଷ୍ଣ ମନ୍ଦିରର ଯଯାତି କେଶରୀ ମେହେର ଓ ତାଙ୍କ ଧର୍ମୀଣୀ ଜ୍ଞାନେଶ୍ୱରୀ ମେହେର ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ପୂଜକ ଭାବେ ସୁଭାଷ ଚନ୍ଦ୍ର ଦାଶ, ପ୍ରଶନ୍ନ କୁମାର ଦାଶ ଓ ଶତ୍ରୁଘନ ଆଚାର୍ଯ୍ୟ ବୈଦିକ ମନ୍ତ୍ର ଉଚ୍ଚାରଣ ସହ କୁମ୍ଭ ଭରଣ କାର୍ଯ୍ୟ ସମ୍ପାଦନ କରିଥିଲେ । ମନ୍ଦିର ନିର୍ମାଣ କାର୍ଯ୍ୟରେ କୁନା ମହାରଣା ଓ କୃଷ୍ଣ ରଣା ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ସମସ୍ତ ପରିଜନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶତାଧିକ ଭକ୍ତ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ । କୁମ୍ଭ ଭରଣ ପରେ ମନ୍ଦିରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଆଗାମୀ ଦିନରେ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି ।ଏହି ତିନି ମନ୍ଦିର ନିର୍ମାଣ ହେବା ପରେ ତୁକୁଲା ଅଂଚଳ ଏକ ନୂଆ ଧାର୍ମିକ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି ।

# ସମ୍ବଲପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ଟିମ୍ ସଦସ୍ୟଙ୍କ ନାମ ଘୋଷଣା

ସମ୍ବଲପୁର, (ହି.ସ.)- ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଓ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚା ସଭାପତି ଇଂ. ପ୍ରଭୁଦତ ପଣ୍ଡା ଆଜି ତାଙ୍କର ଜିଲ୍ଲା ଟିମ୍ ର ସମସ୍ତ ପଦ ଓ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ ସୂଚନା ମୁତାବକ, ଜିଲ୍ଲା ଉପସଭାପତି ଭାବରେ ଅଭିଷେକ ମିଶ୍ର, କଂଚାନ ଲୁହା, ସୁବାସ ନାଏକ, ଶ୍ରୀଲୋଚନ କଠାର, ଉଦୟ ପ୍ରତାପ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଚନ୍ଦ୍ରଶେଖର ପାତ୍ର ଓ ରୋଶନ ରାଜକୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ସମ୍ପାଦକ ଭାବରେ ଅର୍ପଣ କୁମାର ଦାଶ ନାୟକ, ଧ୍ରୁବ ଧନୱାର, ଲୋରିନା ପଟେଲ, ନୀତିଶ ଅଗ୍ରୱାଲ, ଅପ୍ପୁ ପ୍ରଧାନ, ଅଜିତ କୁମାର ବୁଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପ୍ରିୟାନଶୁ ଅଗ୍ରୱାଲଙ୍କୁ ଜିଲ୍ଲା କୋଷଧକ୍ଷ ଦାୟିତ୍ୱ ଦିଆଯାଇଛି । ସେହିପରି ଯୁବ ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହିମାଂଶୁ ବାଗ, ଜୟନ୍ତ ମହାପାତ୍ର, ସୌମ୍ୟ ରଞ୍ଜନ ବଡ଼ପଣ୍ଡା, ପ୍ରତାପ ତ୍ରିପାଠୀ, ଅମିତ ପ୍ରତାପ ସିଂ, ଓଁପ୍ରକାଶ ପ୍ରଧାନ, ବିବେକ ରାଏ, ପ୍ରଦୀପ ସେଠି, ରୋଟିସ ଦେ, ସୌଗନ ବିଶ୍ୱାଳ, ଶାନ୍ତନୁ ରୋହିଦାସ, ପପୁନ ମୁଦୁଲି, ସୁଭମ ନାଏକ, ରଞ୍ଜନ ବିଶ୍ୱାଳ, କୃତିକା ଲୁହା, ଦଶରଥ ମେହେର, ବିକୁ ନାଏକ, ରୋହିତ ପ୍ରଧାନ, ସ୍ୱାଗତ ବିଶ୍ୱାଳ, ବିରେନ୍ଦ୍ର ମୁଣ୍ଡା, ରିକୁ ପଟେଲ, ଅଜିତ କୁମାର ସାହୁ, ଗୋବିନ୍ଦ ଗଣ୍ଡ, ରାଜେଶ ଗରଡ଼ିଆ, ଶାନ୍ତନୁ କୁମାର ଦାନୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।ଏହା ସହିତ ବିଭିନ୍ନ ପ୍ରକୋଷ୍ଠର ସଂଯୋଜକ ଓ ସହ ସଂଯୋଜକଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି । ସମସ୍ତ ପ୍ରକୋଷ୍ଠର ଭାରପ୍ରାପ୍ତ ଅଧିକାରୀ ଭାବେ ଅଭିନବ ପ୍ରଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଇନ ପ୍ରକୋଷ୍ଠର ସଂଯୋଜକ ଭାବେ ସ୍ୱାଗତ ଘଡେଇ ଏବଂ ସହ ସଂଯୋଜକ ଭାବେ ପ୍ରତୀକ ମହାପାତ୍ର ଓ ସ୍ୱାଗତ ପାଢୀ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରକୋଷ୍ଠର ସଂଯୋଜକ ଭାବରେ ସଂଲାପ ମହାପାତ୍ର ଓ ସହ ସଂଯୋଜକ ଭାବେ ରୌନକ ସାହୁ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବରେ ସୌମ୍ୟ ରଞ୍ଜନ ସାସନୀ ଓ ସହ ସଂଯୋଜକ ଭାବେ ସୋମ ପ୍ରକାଶ ମେହେର, ଗଣମଧ୍ୟାମ ସଂଯୋଜକ ଭାବରେ ଆୟୁଷ୍ମାନ ଦାଶ ଓ ସହ ସଂଯୋଜକ ଭାବରେ ଦୀପକ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ସଂଗଠନକୁ ଅଧିକ ସୁଦୃଢ଼ କରିବା, ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଂଚାଇବା ଏବଂ ଯୁବମାନଙ୍କୁ ସଂଗଠନ ସହ ଯୋଡ଼ିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି ।

# ସ୍ୱର୍ଗତ ପକ୍ଷୀବାବାଙ୍କ ସ୍ମୃତିସଭା ଅନୁଷ୍ଠିତ

ନୀଳଗିରି,(ନିପ୍ର) ନୀଳଗିରି ବ୍ଲକ ଛତ୍ରପୁର ପଂଚାୟତର ତଳଭଙ୍ଗାବାନ୍ଧ ଗ୍ରାମର ଥିବା ନିତାଇ ଗୌର ଆଶ୍ରମ ର ମଙ୍ଗଳବାର ଦିନ ସ୍ୱର୍ଗତ ପକ୍ଷୀବାବା ଙ୍କ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ଆଶ୍ରମ ଟି ଦେବଗିରି ପାହାଡ ଶୃଙ୍ଗ ର ତୁଙ୍ଗଭଦ୍ରା ପାହାଡ ଉପରେ ଅବସ୍ଥିତ ।ଉକ୍ତ ଆଶ୍ରମ କୁ ୨୦୧୦ ମସିହା ରେ ପକ୍ଷୀବାବା ଅ ନିରଞ୍ଜନ ଦାସ,ସୁଦୂର କେଉଁଝର ଜିଲ୍ଲା, ଆନନ୍ଦପୁର , ଶାଳପଡା ମୂଳ ଆଶ୍ରମ ରୁ ଆସି ଏଠାରେ ନିତାଇ ଗୌର ଆଶ୍ରମ ପ୍ରତିଷ୍ଠା କରିଥିଲେ ।ଉକ୍ତ ସ୍ଥାନ ଟି ପାହାଡ ଜଙ୍ଗଲ ପରିବେଷ୍ଟିତ ଐଶ୍ୱର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରପୁର ହୋଇ ଥିବାରୁ , ସ୍ୱତଃ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥାଏ ।ପକ୍ଷୀବାବା ତାଙ୍କ ରହଣୀ କାଳ ରେ ଉକ୍ତ ସ୍ଥାନ ରେ ଅନେକ ଛୋଟ ଛୋଟ ମନ୍ଦିର ନିର୍ମାଣ କରାଇ ବିଭିନ୍ନ ଦେବ ଦେବୀ ଙ୍କ ପୂଜା ଅର୍ଚ୍ଚନା କରିବାର ବ୍ୟବସ୍ଥା କରିଥିବା ଜଣା ଯାଇଛି ।ସେହି ମନ୍ଦିର ଗୁଡ଼ିକ ମଧ୍ୟରେ,ଶିବ ମହାଦେବ,ଜଗନ୍ନାଥ, ଶନି, ଦୂର୍ଗା, କାଳୀ, ସରସ୍ୱତୀ, ତାରିଣୀ,ରାଧାକୃଷ୍ଣ, ଗାୟତ୍ରୀ, ହନୁମାନ,ଲକ୍ଷ୍ମୀ ନାରାୟଣ, ଦଶାବତାର ମନ୍ଦିର ଅନ୍ୟତମ ।ଏହି ସବୁ ମନ୍ଦିର ନିର୍ମାଣ ଓ ଆଶ୍ରମ ପ୍ରତିଷ୍ଠା ରେସ୍ଥାନୀୟ ସମାଜ ସେବୀ ଦିପ୍ତିକାନ୍ତ ମହାପାତ୍ର,ସୁଧାରଞ୍ଜନ ଦାସ, କୈଳାଶ ମିଶ୍ର, ସୀତାରାମ ନାୟକ ଓ ସ୍ୱର୍ଗତ ଚିତରଂଜନ ଚୌଧୁରୀ ଙ୍କ ଅବଦାନ ଥିବା କୁହାଯାଇଛି । ସର୍ବୋପରି ପକ୍ଷୀବାବାଥିଲେ ଅଗାଧ ଜ୍ଞାନୀ, ଯୋଗୀ,ସାଧକ ଓ ଜଣେଭ୍ରଷ୍ଟ ସମାଜ ର ମାର୍ଗ ଦର୍ଶକ । ତାଙ୍କର ଅନେକ ଶ୍ରଦ୍ଧାଳୁ ଓ ଅନୁଗାମୀ ଙ୍କୁ ଶୋକ ସାଗର ରେ ଭସାଇ ଦେଇ, ଗତ ତା,୧୦/୦୭/୨୬ ରିଖ ରେ ଦେହତ୍ୟାଗ କରିଥିଲେ । ତାଙ୍କର ଅବର୍ତମାନ ରେତାଙ୍କର ଅନୁଗାମୀ ମାନେ ଏକା ଦଶାହ କ୍ରିୟା କରିବା ସହିତ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀସଭାର ଆୟୋଜନ କରିତାଙ୍କ କର୍ମମୟ ଜୀବନ ର ମହାନ୍ ସେବା ଓଆଧ୍ୟାତ୍ମିକ ଚେତନା ସମ୍ପର୍କ ରେ ଆଲୋଚନା କରିଥିଲେ ।ଏହି କାର୍ଯ୍ୟ କ୍ରମ ରେ ସର୍ବ ଶ୍ରୀସମାଜ ସେବୀ ଦୀପ୍ତିକାନ୍ତ,ସୁଧାରଞ୍ଜନ,ସୁରେଶ ବେହେରା, ଦିଲ୍ଲିପ କୁମାର ବେହେରା,ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ପଙ୍କ୍ତି ଭୋଜନ ରେ ଆପ୍ୟାୟିତ କରିବା ସହିତ ସହଯୋଗ କରିଥିବା ଦେଖା ଯାଇଛି ।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ

ନୂଆପଡ଼ା, (ହି.ସ୍.)- ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ସୁନାପୁର ଶିବ ମନ୍ଦିର ନିକଟରେ ବିଜୁ ଏକ୍ସପ୍ରେସ ୱେରେ ଆଜି ସକାଳ ଦଶ ଘଟିକା ସମୟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଅଜଣା ଗାଡ଼ିର ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଜଣକ ସୁନାପୁର ଗ୍ରାମର ଲୋକେଶ୍ୱର କାଣ୍ଡ (୨୪) ବୋଲି ଜଣାପଡିଛି । ଏଥିରେ ଅନ୍ୟ ଜଣେ ଯୁବକ ପ୍ରେମ ସିଂ କାଣ୍ଡ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରି ବୋଡ଼େନ ଗୋଷ୍ଠି ଚିକିତ୍ସାଳୟରେ ଭର୍ତି କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି ।

# କୋରାପୁଟ ଜିଲାରେ ବଢୁଛି ଅପରାଧ, ଚୋରା ନିଶାକାରବାର

ଜୟପୁର , (ହି.ସ.) କୋରାପୁଟ ଜିଲା ସମେତ ଜୟପୁର ସହର ରେ ଚୋରା ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ଏହାର ପ୍ରଭାବରେ ନାବାଳକ ଓ ଯୁବକମାନେ ନିଶାଗ୍ରସ୍ତ ହୋଇ ଅପରାଧ ମୁହାଁ ହେଉଥିବା ନେଇ ବୁଦ୍ଧିଜୀବୀ ଓ ସହରବାସୀ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ।ଅଭିଯୋଗ ଅନୁଯାୟୀ, କୋରପୁଟ ଜିଲାର ଜୟପୁର , କୋରାପୁଟ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ନନ୍ଦପୁର, ପାଡୁଆ, ଲକ୍ଷ୍ମୀପୁର ସହରର ବିଭିନ୍ନ ଚୋରା ଦେଶୀ ଓ ବିଦେଶୀ, ନକଲି ବିଦେଶୀ ମଦ, ଗଞ୍ଜେଇ, କଫ ସିରପ, ନିଶା ଇଞ୍ଜକସନ୍ ଖୋଲାଖୋଲି ବିକ୍ରି ହେଉଛି ।ଫଳରେ ଅନେକ ନାବାଳକ ଓ ଯୁବପିଢ଼ି ଏହି ନିଶା ଜାଲରେ ଫସି ଅପରାଧ ପଥକୁ ଆପଣାଉ ଥିବା ଦେଖାଯାଉଛି । ବିଭିନ୍ନ ଯାନୀ ଯାତ୍ର ସମୟରେ ନିଶାଗ୍ରସ୍ତ ହୋଇ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଝଗଡ଼ା ପରବର୍ତୀ ସମୟରେ ଛୁରାମାଡ଼ ଭଳି ଘଟଣା ଦେଖିବାକୁ ମିଳିଥାଏ । ଏହି ପରି ସ୍ଥିତି କୁ ଅନୁମାନ କଲେ ନାବାଳକ ମାନେ ପଥଭ୍ରଷ୍ଟ ହେବା ଲକ୍ଷ୍ୟ କରାଯାଇଛି । ସହରର ବିଭିନ୍ନ ରାସ୍ତା କଡରେ, ଛକ, ବଜାର, ଯେଉଁଠି କୁ ବି ଦେଖ ଖୁଲୁମ ଖୁଲା ଭାବେ ଯୁବ ପିଢ଼ି ସହ ନାବାଳକ ମଧ୍ୟ ନିଶା କାରବର ରେ ମାତାଲ ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଗଞ୍ଜାଇ ସେବନ କରୁଥିବା ଯୁବକଙ୍କ ସଂଖ୍ୟା ବଢୁଥିବା ବେଳେ ସ୍ଥାନୀୟ ଯୁବକ ମାତାଲ ହୋଇ ବୁଲୁଥିବା ଦେଖାଯାଉଛି । ଜୟପୁର ଟାଉନ ପୋଲିସ ନିଶା କାରବାରର ପ୍ରଦାଫସ କରି ଗତ ଦିନରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲ । ସହରର ଅନେକ ସ୍ଥାନରେ ଯୁବ ଗୋଷ୍ଠୀ ନିଶା ସେବନ କରି ମାତାଲ ହେଉ ଥିବା ଯୋଗୁଁ ଦୈନ ଦିନ ଚୋରି ବଢୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଜୟପୁର ସହର ନିକଟରେ ବିଭିନ୍ନ ଚୋରା ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଏହାର ପ୍ରଭାବରେ ଅନେକ ଶ୍ରମିକଙ୍କ ପରିବାର ଆର୍ଥିକ ଓ ସାମାଜିକ ସଙ୍କଟରେ ପଡୁଥିବା କୁହାଯାଉଛି । ମଦ ଚଢାଉରେ ପୋଲିସର କ୍ଷମତା କମି ଯାଇଥିବାରୁ ପୋଲିସ ଆଉ ଚୋରା ମଦ ଉପରେ ଚଢ଼ଉ କରୁ ନାହିଁ । ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଧର୍ମକୁ ଆଖିଠାର ସଦୃଶ୍ୟ ଫଳରେ ଚୋରା ନିଶା କାରବାର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଏହାର ପ୍ରଭାବରେ ଚୋରି,ମାର୍ପିଟ, ହତ୍ୟା, ହତ୍ୟା ଉଦ୍ୟମ ,ଘରୋଇ ହିଂସା, ଗୋଷ୍ଠୀ ବିବାଦ, ରାହାଜାନି ଏବଂ ସଡକ ଦୁର୍ଘଟଣା ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହେଉଛି ।

# କୃଷି ନିର୍ଦ୍ଦେଶାଳୟର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର : କୃଷି ନିର୍ଦ୍ଦେଶାଳୟ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଓ ଆସ୍ୟୁର୍ ହସ୍ପିଟାଲ ଖଣ୍ଡଗିରି ସହାୟତାରେ ତା ୨୧।୦୭।୨୦୨୬ରିଖ ମଙ୍ଗଳବାର କୃଷିଭବନ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସାଂସ୍କୃତିକ ସଂସଦର ସଭାପତି ତଥା କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସାକ୍ସେନା, ଭାପ୍ରସେ ଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ନିର୍ଦ୍ଦେଶିକା (ପ୍ରଶାସନ) ଶ୍ରୀମତୀ ସଂଧ୍ୟାରାଣୀ ଗୁରୁ,ଓପ୍ରସେ ଓ ଅତିରିକ୍ତ କୃଷି ନିର୍ଦ୍ଦେଶକ ଶ୍ରୀ କାର୍ତିକ ଚନ୍ଦ୍ର ମଲ୍ଲିକ ମିଳିତ ଭାବେ ଉଦ୍ଘାଟନ କରିଥିଲେ ।ଏଥିରେ କୃଷିଭବନରେ କାର୍ଯ୍ୟରତ ପ୍ରାୟ ୨୦୦ ଅଧିକାରୀ ଓ କର୍ମଚାରୀଙ୍କ ଇସିଜି, ସିବିସି , ରକ୍ତଚାପ ଓ ରକ୍ତ ଶର୍କରା ଆଦି ସ୍ୱାସ୍ଥ୍ୟ ପରୀକ୍ଷା ହୋଇ ଥିଲା । ଡଃ ପ୍ରତାପ ପାଣି(ସ୍ନାୟୁ ବିଶେଷଜ୍ଞ),ଡଃ ମେଘନାଦ ମେହେର (ଔଷଧ) ଓ ଡଃ ଆଶୁତୋଷ ଦାଶ (ଔଷଧ) ସମସ୍ତଙ୍କ ଚିକିତ୍ସା କରିଥିଲେ ।ଏହି ଅବସରରେ ଆସ୍ୟୁର୍ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡଃ ହାଡିବନ୍ଧୁ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏହି ଶିବିରକୁ ସାଂସ୍କୃତିକ ସଂସଦର ଉପସଭାପତି ଶ୍ରୀ କୈଳାସ ଚନ୍ଦ୍ର ରାଉତ, ସଂପାଦକ ଶ୍ରୀ ନବକୃଷ୍ଣ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଶ୍ରୀ ଶୋଭନ ପଟ୍ଟନାୟକ, କୋଷାଧ୍ୟକ୍ଷ ଶ୍ରୀ ଅଂଶୁମାନ ମିଶ୍ର, ବରିଷ୍ଠ ସଦସ୍ୟ ଶ୍ରୀ ଶୁଭେନ୍ଦୁ ଦାଶ, ଦେବାଶିଷ ପତ୍ରି, ଅରୁଣ କୁମାର ରଥ, ରବୀନ୍ଦ୍ର କୁମାର ନିଶଙ୍କ, ସଞ୍ଜୟ କୁମାର ବେହେରା,କୁଳମଣି ବେହେରା,ଦେବାଶିଷ ମହାନ୍ତି, ଦୀପାଞ୍ଜଳୀ ରାଉତ ଓ ସ୍ୱାତୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ

ଜୟପୁର,(ହି.ସ.)- ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନ ଠାରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ବୈଠକ ଭୃଗୁ ବକ୍ତିପାତ୍ରଙ୍କ ସଭାପତିତ୍ୱରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଦକ୍ଷିଣ ଓଡ଼ିଶାର ୭ଟି ଜିଲ୍ଲା ଅନ୍ତର୍ଗତ ୧୨ଟି ଉପଖଣ୍ଡର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଜନକଲ୍ୟାଣମୂଳକ ୪୫ଟି ସଂଗଠନର ୧୫୦ରୁ ଅଧିକ ପ୍ରତିନିଧି ବୃନ୍ଦ ଏବଂ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ଦୁଇଟି ଅଧିବେଶନ ମାଧ୍ୟମରେ ମାନସ ମନ୍ଥନ କରିଥିଲେ ।ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ, ଅବହେଳିତ ଅଂଚଳଗୁଡ଼ିକର ଉନ୍ନତି ଏବଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ସମ୍ପର୍କରେ ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସ୍ୱର ଉଠାଉଥିବା ସଂଗଠନର ପ୍ରତିନିଧ ଏବଂ ବ୍ୟକ୍ତିବିଶେଷ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ । ୧୫ ସୂତ୍ରୀ ବିଷୟବସ୍ତୁକୁ ବିସ୍ତୃତ ଭାବରେ ଆଲୋଚନା କରିବା ସହ ସେଥିରେ ଅନେକ ବିକାଶମୂଳକ ପ୍ରସଙ୍ଗ ଯୋଡ଼ି ଏକ ଚିଠା ଖସଡ଼ା ପ୍ରସ୍ତୁତ କରି ସରକାରଙ୍କୁ ଦେବା ପାଇଁ ଉନ୍ନୟନ ପରିଷଦର ଚିନ୍ତନ ବୈଠକରେ ନିଷ୍ପତି ହୋଇଥିଲା ।ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଗଲା ଯେ, ଦକ୍ଷିଣ ଓଡ଼ିଶାର ଜନସାଧାରଣ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗଗୁଡ଼ିକୁ ଲିଖିତ ଆକାରରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ତାହାର ତ୍ୱରିତ ସମାଧାନ ପାଇଁ ଅନୁରୋଧ କରାଯିବ । ଏଥିସହିତ ଦକ୍ଷିଣ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ଓ ସମନ୍ୱିତ ବିକାଶ ପାଇଁ ସମସ୍ତ ସଂଗଠନ ଓ ସଚେତନ ନାଗରିକ ଏକ ସ୍ୱରରେ ଏକତ୍ରିତ ହୋଇ ନିୟମିତ ବ୍ୟବଧାନରେ ଚିନ୍ତନ ବୈଠକ ଆୟୋଜନ କରିବା ସହ ସାମୂହିକ ଦାୟିତ୍ୱ ନିର୍ବାହ କରିବାକୁ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଥିଲେ ।ଦକ୍ଷିଣ ଓଡ଼ିଶାର ଅବସରପ୍ରାପ୍ତ ପ୍ରଫେସର, ପ୍ରଶାସନିକ ଅଧିକାରୀଙ୍କ ସମେତ ବିଭିନ୍ନ କ୍ଷେତ୍ରର ଗବେଷକ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଓ ସାମାଜିକ କର୍ମୀ, ଅଧବକ୍ତା, ସାମ୍ବାଦିକ ଅନୁଭବ ଓ ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ । ବର୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିଷ୍ପତିକୁ ସ୍ୱାଗତ କରାଯାଇଥିଲା । ସରକାରଙ୍କ ନିଷ୍ପତି କେବଳ ଘୋଷଣାରେ ନରହି ତୁରନ୍ତ ବାସ୍ତବତାରେ ପରିଣତ କରି କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଚାପ ସୃଷ୍ଟି ପାଇଁ ମାଲକାନଗିରି ଠାରୁ ଗଞ୍ଜାମ ଯାଏଁ ଏକ ବ୍ୟାପକ ଜନ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ନିଷ୍ପତି ହୋଇଥିବା ନେଇ ସଭାପତି ଭୃଗୁ ବକ୍ସିପାତ୍ର ସୂଚନା ଦେଇଥିଲେ ।

# ବିବାଦୀୟ ସରକାରୀ ଜାଗାରେ ଶିକ୍ଷାନୁଷ୍ଠାନ ଲାଗି ଅନୁମତି ଦେଇ ପିଲାଙ୍କ ସହ ଖେଳ ଖେଳୁଛି ରାଉରକେଲା ବିଇଓ ଅଫିସ

ରାଉରକେଲା, (ହି.ସ.)- ରାଉରକେଲା ବ୍ଲକ ଏଜୁକେସନ ଅଫିସ ବିବାଦୀୟ ସରକାରୀ ଜାଗାରେ ଶିକ୍ଷାନୁଷ୍ଠାନ ଚାଲିବା ଲାଗି ଅନୁମତି ଦେଇ ସ୍କୁଲମାଲିକ ଶିକ୍ଷା ବିଭାଗ ବାବୁ ମାନଙ୍କୁ ମାଲେ ମାଲ କରାଯାଉଥିବା ବେଳେ ଅନେକ ସରକାରୀ ଜାଗା ଦଖଲ ହୋଇଯାଉଛି ଓ ଅନେକ ଅପରାଧିକ ମାମଲା ଥାନାକୁ ଯାଇ ଥାନା ବାଲାଙ୍କୁ ସମସ୍ୟାରେ ପକାଉଛି, ପିଲା ମାନଙ୍କ ଜୀବନ ମଧ୍ୟ ନଷ୍ଟ ହେଉଛି । ଏହିଭଳି ଏକ ଘଟଣା ଜୁନ ମାସରୁ ରାଉରକେଲା ଛେଣ୍ଡ ଥାନା ଅଂଚଳରେ ଘଟି ସ୍କୁଲ ର ଶହ ଶହ ଆଦିବାସୀ ପିଲାଙ୍କ ଜୀବନକୁ ସମସ୍ୟା ଭିତରକୁ ଆଣିଥିବା ବେଳେ ଘାଂଟି ହେଉଛି ଛେଣ୍ଡ ପୁଲିସ, ନିରବ ହୋଇ ବସିଛି ରାଉରକେଲା ଶିକ୍ଷା ବିଭାଗ ଅଫିସ ।

ଖବରରୁ ପ୍ରକାଶ ଯେ, ରାଉରକେଲା ସହରରେ ଥିବା ପ୍ରାୟ ୪୦ ଭାଗ ଶିକ୍ଷାନୁଷ୍ଠାନ ସରକାରୀ ଜାଗା ଜବରଦଖଲରେ ଚାଲିଛି । ଏହିଭଳି ଏକ ସ୍କୁଲ ଛେଣ୍ଡ ର ସାଇ ଶିଶୁ ମନ୍ଦିର, ଏହାକୁ ଜଣେ ମହିଳା ଚଳାଉଛନ୍ତି, ହେଲେ ସେହି ମୂଲ୍ୟବାନ ସରକାରୀ ଜାଗା ଉପରେ ଆଉ କିଛି ଲୋକଙ୍କର ନଜର ପଡିଯିବାରୁ ସେମାନେ ସେ ସ୍କୁଲ ର ତାଲା ବାରମ୍ବାର ଭାଙ୍ଗି ନିଜ ତାଲା ପକାଉଛନ୍ତି । ଜୁନ୍ ୫ ତାରିଖରେ ଏହିଭଳି ନାଟକ ହେବାପରେ କଥା ଥାନାକୁ ଗଲା ହେଲେ ମାମଲା ହେଲା ନାହିଁ, ପୁଣି ଗତକାଲି ରାତିରେ ସେହି ସ୍କୁଲରେ ତାଲା ପକାଯାଇଛି ଫଳରେ ଶହ ଶହ ପିଲା ପାଠ ପଢ଼ିବାରୁ ବଂଚିତ ହୋଇଛନ୍ତି । ରାଉରକେଲା ଶିକ୍ଷା ବିଭାଗ ବିଦ୍ୟାଳୟଟିକୁ ଲକ୍ଷ ଲକ୍ଷ ଲାଂଚ ନେଇ ଅନୁମତି ଦେଇଥିବାରୁ ସେମାନେ ମଧ୍ୟ ନିରବ, ଥାନା ବାଲା ବି ନିରବ, ଫଳରେ ଖୁବ ଶୀଘ୍ର ଏହିଯାଗା ଲାଗି ନିଶ୍ଚିତ ରକ୍ତପାତର ସ୍ଥିତି ସୃଷ୍ଟି ହେବାକୁ ଯାଉଥିବା ବେଳେ ପିଲାଙ୍କ ଜୀବନ ଅନ୍ଧକାର ହେବାକୁ ଯାଉଛି । ଶିକ୍ଷା ମନ୍ତ୍ରୀଙ୍କୁ ନେଇ ନିକଟରେ ଅନେକ ଚର୍ଚ୍ଚା, ମନ୍ତ୍ରୀ ଟିକେ ବୁଝିବେକି ରାଉରକେଲା ସମେତ ଜିଲ୍ଲାର ବେସରକାରୀ ବିଦ୍ୟାଳୟ ଗୁଡିକ ଭିତରୁ କେତେ ବିଦ୍ୟାଳୟର ନିଜ ଜାଗା ରହିଛି, କେତେ ସରକାରୀ ଜାଗାରେ ଚାଲିଛି ଓ କେତେ ଶିକ୍ଷାନୁଷ୍ଠାନ ନାମରେ ଦାଖଲ ହୋଇଛି । ଅନେକ ସରକାରୀ ସ୍କୁଲ ଥାଇ ମଧ୍ୟ ଘରୋଇ ସ୍କୁଲଗୁଡିକୁ ଆଜିଯାଏ କିଏ ଘଂଟ ଘୋଡାଇ ରଖିଛି ।

# ବାଜିରାଉତ କଲେଜରେ ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମ ଉଦ୍ଯାପିତ

ଭୁବନ, (ହି.ସ.)- ଢେଙ୍କାନାଳ ଜିଲ୍ଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ' ଆନୁକୂଲ୍ୟରେ ଗତ ୧୩ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଯୁକ୍ତତିନି ଚତୁର୍ଥ ପର୍ଯ୍ୟାୟର ଛାତ୍ରୀମାନଙ୍କୁ ନେଇ ଏକ ଛଅ ଦିନିଆ ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପୌରହିତ୍ୟ କରିଥିବା ସମୟରେ, ଇଂରାଜୀ ବିଭାଗର ମୁଖ୍ୟ ଅନୀଲ କୁମାର ଧୀର, ଆମ କଲେଜ ଆମ ଗୌରବର ସଂଯୋଜକ ଅଧ୍ୟାପକ ପ୍ରଭାତ କୁମାର ଜେନା, ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀର, ଶକ୍ତିଶ୍ରୀର ପୂର୍ବତନ ସଂଯୋଜିକା ଦେବଯାନୀ ପାଣି, ଶକ୍ତିଶ୍ରୀର ସଂଯୋଜିକା ଋତୁପର୍ଣ୍ଣା ପୃଷ୍ଟି, ଆଇସିସିର ସଭ୍ୟା ଡ଼କ୍ଟର ଧାନୀ ମୁର୍ମୁ ଓ ଏନ. ସି. ସି ଅଫିସର ଡକ୍ଟର ଦୀପାରାଣୀ ସାମଲ ଉପସ୍ଥିତ ଥିଲେ । ସମସ୍ତେ ଛାତ୍ରୀମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହିତ ଆତ୍ମସୁରକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଛଅ ଦିନିଆ ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ପ୍ରମୋଦିନୀ ମାଝୀ ପ୍ରଶିକ୍ଷଣ ଦେଇଥିଲେ । ଏହା ସହିତ ନାରୀର ମାନସିକ ଓ ଆବେଗିକ ବିଷୟରେ ଏକ ପାଠଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଅଧ୍ୟାପିକା ଋତୁପର୍ଣ୍ଣା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜି କୋଏମ୍ବାଟୁର ଓ ତିରୁପ୍ପୁର ଗସ୍ତରେ ଯିବେ ଉପ ରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ବୁଧବାର ତାମିଲନାଡୁର କୋଏମ୍ବାଟୁର ଏବଂ ତିରୁପ୍ପୁର ଗସ୍ତରେ ଯିବେ । ଉପରାଷ୍ଟ୍ରପତି ସଚିବାଳୟ ଅନୁଯାୟୀ, ଉପରାଷ୍ଟ୍ରପତି ରାଧାକୃଷ୍ଣନ ୨୨ ଜୁଲାଇରେ କୋଏମ୍ବାଟୁରରେ ଜିକେଏନଏମ୍ କଲେଜ୍ ଅଫ୍ ନର୍ସିଂର ଉଦ୍ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଏବଂ ଅନୁଷ୍ଠାନର ଉଦ୍ଘାଟନ କରିବେ । ନିଜ ଗସ୍ତ ସମୟରେ ରାଧାକୃଷ୍ଣନ ତିରୁପ୍ପୁର ଜିଲ୍ଲାର ଅଭିନାଶୀରେ ଅବସ୍ଥିତ ପ୍ରସିଦ୍ଧ ଅଭିନାଶୀ ଲିଙ୍ଗେଶ୍ୱରର ଶିବ ମନ୍ଦିରକୁ ମଧ୍ୟ ଯିବେ, ଯେଉଁଠାରେ ସେ ପୂଜା-ଅର୍ଚ୍ଚନା କରିବେ ।



## ସଫଳତା ପାଇଁ ନିରନ୍ତର ଅଭ୍ୟାସ ଜରୁରୀ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନ ଏକ ସଂସ୍କୃତ ସୁଭାଷିତମ ସେୟାର କରିଛନ୍ତି, ଯାହା ନିରନ୍ତର ଅଭ୍ୟାସ ମାଧ୍ୟମରେ ସଫଳତା ହାସଲ କରିବାରେ ଏକାଗ୍ରତା ଏବଂ ଇଚ୍ଛାଶକ୍ତିର ଗୁରୁତ୍ୱକୁ ସୂଚିତ କରେ । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଲେଖିଛନ୍ତି, 'ଏକାଗ୍ରତା: ସ୍ନାୟୁ ବୃଦ୍ଧି' । ନିୟମିତ ବ୍ୟାୟାମ ସବୁଠାରୁ ପ୍ରଭାବଶାଳୀ । ଏହାର ଅର୍ଥ ହେଉଛି, ଏକାଗ୍ରତା ଏବଂ ଦୃଢ଼ ସଂକଳ୍ପ ଆମ ସ୍ନାୟୁତନ୍ତ୍ର ଭଳି । ନିୟମିତ ଅଭ୍ୟାସ ଏବଂ ସଠିକ୍ ପ୍ରୟାସ ଦ୍ୱାରା ଏଗୁଡ଼ିକୁ ବିକଶିତ ଏବଂ ସୁଦୃଢ଼ କରାଯାଇପାରିବ । ସମୟ ସହିତ, ଏହି ଦୁଇ ଜଣ ଅଧିକ ଦୃଢ ଏବଂ ପ୍ରଭାବଶାଳୀ ହୋଇଯାଆନ୍ତି ।



## କଏଦୀଙ୍କୁ ନଜର ରଖିବ ଏଆଇ କ୍ୟାମେରା : ଜେଲ୍ ସୁରକ୍ଷାରେ ନୂତନ ପଦକ୍ଷେପ




ଭୁବନେଶ୍ୱର : ରାଜ୍ୟର ଜେଲ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଏଆଇ ଆଧାରିତ କ୍ୟାମେରା ବ୍ୟବହାର ଆରମ୍ଭ ହୋଇଛି । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଜେଲ୍ ଡିଜି ଏହି ସୂଚନା ଦେଇଛନ୍ତି । ଜେଲ୍ ଡିଜିଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟର ୨୦ଟି ଜେଲରେ ଏଆଇ କ୍ୟାମେରା ସ୍ଥାପିତ ହୋଇସାରିଛି । ଏହି କ୍ୟାମେରାଗୁଡ଼ିକ ଜେଲ୍ ଭିତରେ ଏବଂ ପରିସରରେ କଏଦୀଙ୍କ ଚଳଚଳନକୁ ସତତ ନଜରରେ ରଖିବ । ଏଆଇ ପ୍ରଯୁକ୍ତି ବ୍ୟବହାର ହେବାରୁ ଜେଲ୍‌ରୁ କଏଦୀ ପଳାଇବା ପ୍ରାୟ ଅସମ୍ଭବ ହୋଇପଡ଼ିଛି । କୌଣସି କଏଦୀ ଜେଲ୍ ପାଚେରୀ ପାଖକୁ ଯାଇଲେ ଆଲାରାମ ବାଜିଉଠିବା ବ୍ୟବସ୍ଥା ରହିଛି । ଏହା ସହିତ, ଜେଲ୍ ଭିତରେ ଅନାବଶ୍ୟକ ଭିଡ଼ ହେବା କିମ୍ବା ଗଣ୍ଡଗୋଳ ସୃଷ୍ଟି ହେଲେ ଏଆଇ କ୍ୟାମେରା ମାଧ୍ୟମରେ ତୁରନ୍ତ ଆଲର୍ଟ ମିଳିବାର ବ୍ୟବସ୍ଥା ହୋଇଛି, ଯାହା ନିୟନ୍ତ୍ରଣରେ ସହାୟକ ହେବ । ଅନ୍ୟପଟେ, କଏଦୀମାନଙ୍କ ପୁନର୍ବାସ ଓ ସୁଧାର ପାଇଁ ରାଜ୍ୟର ୭ଟି ସର୍କଲ ଜେଲରେ ଶୀଘ୍ର ମୁକ୍ତାକାଶ ଜେଲ୍ (ଓପେନ ଏୟାର ଜେଲ୍) ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି ।



## ଓଡ଼ିଶାର ଜନଜାତି ଉଦ୍ୟମିତାକୁ ପ୍ରଶଂସା କଲେ ରାଜ୍ୟପାଳ




ଭୁବନେଶ୍ୱର : ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରୁପାଲୀ ଛକସ୍ଥିତ ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କରିଛନ୍ତି ।ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଆଦିବାସୀ ବିକାଶ ସହକାରୀ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ର ମ୍ୟାନେଜିଂ ଡାଇରେକ୍ଟର ଡ. ପୋମା ଟୁଡୁ ଏବଂ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳ ଆଉଟଲେଟ୍ ?ରେ ଉପସ୍ଥିତ ଥିବା ଗ୍ରାହକ ଓ କର୍ମଚାରୀଙ୍କ ସହିତ ଭାବ ବିନିମୟ କରିଥିଲେ । ରାଜ୍ୟ ସରକାର ଆଦିଶା ବ୍ରାଣ୍ଡ ମାଧ୍ୟମରେ ଓଡ଼ିଶାର ଉଚ୍ଚମାନର କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଜନଜାତି ଜୀବିକା ଓ ଉଦ୍ୟମିତାକୁ ମଜବୁତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଜନଜାତି ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ କଫି ଚାଷ ଓ ମୂଲ୍ୟ ସଂଯୋଜନରେ ନିୟୋଜିତ ଜନଜାତି ଉତ୍ପାଦକଙ୍କ ପାଇଁ ଉନ୍ନତ ବଜାର ସୁଯୋଗ ସୃଷ୍ଟି କରିବା ପାଇଁ ନିଆଯାଇଥିବା ପ୍ରୟାସକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏପରି ଉଦ୍ୟମ କେବଳ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେଇ ନଥାଏ ବରଂ ସ୍ଥାୟୀ ଜୀବିକା ସୃଷ୍ଟି ଓ ଅନ୍ତର୍ଭୁକ୍ତିମୂଳକ ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି ।

## ସିକିମ୍ ସୁଡ଼ଙ୍ଗ ଦୁର୍ଘଟଣାରେ ସହାୟତା ପାଇଁ ଆଶ୍ୱାସନା ଦେଲେ ପ୍ରଧାନମନ୍ତ୍ରୀ



ଗାଙ୍ଗଟକ୍ : ସିକିମର ନାମ୍ଚି ଜିଲ୍ଲାର ଝୋଲୁଙ୍ଗ୍ ଅନ୍ତର୍ଗତ ସମର୍ଦୁଙ୍ଗ୍ ଠାରେ ନିର୍ମାଣାଧୀନ ଏନ୍. ଏଚ୍. ପି. ସି. ତିସ୍ତା ଷ୍ଟେଜ୍-୬ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗରେ ଦୁର୍ଘଟଣା ଏବଂ ଚାଲିଥିବା ଉଦ୍ଧାର କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସିକିମର ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ପ୍ରଭାବିତ ଶ୍ରମିକ ଏବଂ ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ସମ୍ଭାବ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଚିନ୍ତା, ସମ୍ବେଦନଶୀଳତା ଏବଂ ସହଯୋଗ ପ୍ରତି ପ୍ରତିବଦ୍ଧତା ଏହି କଠିନ ସମୟରେ ସିକିମର ଜନସାଧାରଣଙ୍କୁ ବହୁତ ଶକ୍ତି ଏବଂ ଆତ୍ମବିଶ୍ୱାସ ପ୍ରଦାନ କରିଛି । ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍. ଡି. ଆର. ଏଫ୍.), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍. ଡି. ଆର. ଏଫ୍.), ସିକିମ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଏସ୍. ଏସ୍. ଡି. ଏମ୍. ଏ.), ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପୁଲିସ, ରଙ୍ଗପୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପି. ଏଚ୍. ସି.) ର ଡାକ୍ତରୀ ଦଳ ଏବଂ ସ୍ଥାନୀୟ ସମୁଦାୟ ଉଦ୍ଧାର କାର୍ଯ୍ୟକୁ ସଫଳ କରିବା ଏବଂ ପ୍ରଭାବିତମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବା ପାଇଁ ସମନ୍ୱୟ ସହିତ କାର୍ଯ୍ୟ କରୁଛନ୍ତି । ସିକିମର ଜନସାଧାରଣଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇ ମୁଖ୍ୟମନ୍ତ୍ରୀ ତମାଙ୍ଗ କହିଛନ୍ତି ଯେ ଦୁଃଖର ଏହି ସମୟରେ ରାଜ୍ୟ ପ୍ରତି ସେମାନଙ୍କର ସହଯୋଗ, ସମ୍ବେଦନଶୀଳତା ଏବଂ ଏକତା ଅତ୍ୟନ୍ତ ପ୍ରେରଣାଦାୟୀ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ ଭାରତ ସରକାରଙ୍କ ସମର୍ଥନ ଓ ପ୍ରତିବଦ୍ଧତା ପାଇଁ ସିକିମ ସର୍ବଦା ତାଙ୍କ ନିକଟରେ କୃତଜ୍ଞ ରହିବ । ଏହା ସୂଚନାଯୋଗ୍ୟ ଯେ ଦକ୍ଷିଣ ସିକିମର ସମାର୍ଦୁଙ୍ଗ୍ ଠାରେ ଏନ୍. ଏଚ୍. ପି. ସି. ସୁଡ଼ଙ୍ଗରେ ଗ୍ୟାସ୍ ଲିକ୍ ଏବଂ ସୁଡ଼ଙ୍ଗ ଭୁଶୁଡ଼ିବା ପରେ ଏପର୍ଯ୍ୟନ୍ତ ସାତ ଜଣଙ୍କର ମୃତ୍ୟୁ ଘଟିଛି । ଘଟଣା ସ୍ଥଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି ।

## ସେପ୍ଟେମ୍ବର ୨ରେ ସରିବ ଏସ୍ଆଇଆର ପ୍ରକ୍ରିୟା ୬ରେ ଚୂଡ଼ାନ୍ତ ତାଲିକା



ଭୁବନେଶ୍ୱର: ଓଡ଼ିଶାରେ ଚାଲିଥିବା ସ୍ପେଶାଲ୍ ଇଂଟେନ୍ସିଭ୍ ରିଭିଜନ୍ ଅର୍ଥାତ୍ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଦାଖଲ ହୋଇଥିବା ସମସ୍ତ ଅଭିଯୋଗ ଏବଂ ଦାବିଗୁଡ଼ିକର ସମାଧାନ ପ୍ରକ୍ରିୟା ସେପଟ୍ଟେମ୍ବର ୨ ତାରିଖରେ ସରିବ । ଏହି ଯାଂଚ ପରେ ସେପଟ୍ଟେମ୍ବର ୬, ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ନୂଆ ନାମ ଯୋଡିବା କିମ୍ବା କୌଣସି ତ୍ରୁଟି ସୁଧାରିବା ପାଇଁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯାଇଥିଲା । ଉକ୍ତ ଆବେଦନଗୁଡ଼ିକର ଯାଂଚ ଓ ସମାଧାନ ସେପଟ୍ଟେମ୍ବର ୨ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ସେପଟ୍ଟେମ୍ବର ୬, ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । SIR ପ୍ରକ୍ରିୟାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦେଇଛନ୍ତି ସୂଚନା । ସୂଚନା ଅନୁସାରେ ୫୮ ଲକ୍ଷ ଲୋକଙ୍କୁ ନୋଟିସ୍ ଦିଆଯାଇଛି ବୋଲି କହିଲେ ସିଇଓ । ମ୍ୟାପିଂ ହୋଇ ନଥିବା ୧୨ ଲକ୍ଷ ଓ ତ୍ରୁଟି ପାଇଁ ୪୬ ଲକ୍ଷ ଲୋକଙ୍କୁ ଦିଆଯାଇଛି ନୋଟିସ୍ । ବିଏଲ୍ଓଙ୍କ ଦ୍ୱାରା ନୋଟିସ୍ ଜାରି କରାଯାଉଛି, ଯାହା କାଗଜ ଅଛି ଦେବେ । ନୋଟିସ୍ ପାଇବା ପରେ ଉପସ୍ଥିତ ହେବା ବାଧ୍ୟତାମୂଳକ ନୁହେଁ । ଆବଶ୍ୟକ କାଗଜପତ୍ର ଦେଲେ ନିଜେ ଆସିବା ଦରକାର ନାହିଁ । ଯଦି ଆବଶ୍ୟକ ହେବ ଭିଡିଓ କଲ୍ କରି ରଜଡ ସେମାନଙ୍କ ଠାରୁ ବିବରଣୀ ନେବେ । ଗତ ୫ରୁ ଏଯାବତ୍ ୨୬ ହଜାର ୭୪୫ଟି ଫର୍ମ ୬ ପାଇଛୁ ବୋଲି କହିଲେ ସିଇଓ । ଅନ୍ୟପଟେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ ଆୟୋଗ ଭୋଟର ତାଲିକା ପ୍ରସ୍ତୁତି ପାଇଁ ବଡ଼ ଘୋଷଣା କରିଛନ୍ତି । ସ୍ୱତନ୍ତ୍ର ସଂକ୍ଷିପ୍ତ ପୁନରୀକ୍ଷଣ ପ୍ରକ୍ରିୟା ଶେଷ ହେବା ପରେ ରାଜ୍ୟରେ ନୂତନ ଭୋଟର ତାଲିକା ପ୍ରସ୍ତୁତ କରାଯିବ । ଏ ନେଇ ସୋମବାର ଅନୁଷ୍ଠିତ ବୈଠକ ପରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସୂଚନା ଦେଇଛନ୍ତି । ସଚିବଙ୍କ କହିବା ଅନୁଯାୟୀ, ଅକ୍ଟୋବର ୨୬ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘରକୁ ଘର (ଡୋର ଟୁ ଡୋର) ସର୍ଭେ କରାଯିବ ।

## ଜେମ୍ସ ଅଫ୍ ଇଣ୍ଡିଆ ଚ୍ୟାଲେଞ୍ଜର ପାଇଲଟ୍ ପର୍ଯ୍ୟାୟ ଆରମ୍ଭ; ତୃଣମୂଳସ୍ତରର ଡିଜିଟାଲ୍ ପ୍ରତିଭାକୁ ମିଳିବ ମଂଚ

ନୂଆଦିଲ୍ଲୀ : ଭାରତର ସୃଜନଶୀଳ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ବିକଶିତ ହେଉଥିବା 'ନାରଙ୍ଗୀ ଅର୍ଥନୀତି'କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସର ଅଂଶସ୍ୱରୂପ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଜି 'ଜେମ୍ସ ଅଫ୍ ଇଣ୍ଡିଆ' ଚ୍ୟାଲେଞ୍ଜର ପାଇଲଟ୍ ପର୍ଯ୍ୟାୟର ଶୁଭାରମ୍ଭ କରିଛି । ଏହା ସାରା ଦେଶର ତୃଣମୂଳ ସ୍ତରର ଡିଜିଟାଲ୍ କ୍ରିଏଟରମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଆଗକୁ ଆଣିବା ପାଇଁ ଏହା ଏକ ବ୍ୟବସ୍ଥିତ ଜାତୀୟ ପଦକ୍ଷେପ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ, ଭାରତ ପ୍ରଯୁକ୍ତିବିଦ୍ୟାକୁ ସଶକ୍ତୀକରଣ, ଅନ୍ତର୍ଭୁକ୍ତୀକରଣ ଏବଂ ରାଷ୍ଟ୍ର ନିର୍ମାଣର ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଗ୍ରହଣ କରିଛି । 'ଡିଜିଟାଲ୍ ଇଣ୍ଡିଆ' ଭଳି ପଦକ୍ଷେପଗୁଡ଼ିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ସହଜ ଓ ସାର୍ବଜନୀନ କରିବା ସହ ଅଭୂତପୂର୍ବ ସ୍ତରରେ ନୂତନ ଉଦ୍ଭାବନ ପାଇଁ ସୁଯୋଗ ସୃଷ୍ଟି କରିଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୱେଭ୍ସ ଓଟିଟି ସେବା ଅଧୀନସ୍ଥ ସିଟିଜେନ୍ କ୍ରିଏଟର ପ୍ଲାଟଫର୍ମ ମାଇୱେଭ୍ସ ଉପରେ ଆଧାରିତ । ଏହାର ଉଦ୍ଦେଶ୍ୟ ହେଉଛି ଭାରତର ଡିଜିଟାଲ କ୍ରିଏଟର ଇକୋସିଷ୍ଟମକୁ ସୁଦୃଢ଼ କରିବା ସହିତ ମୌଳିକ ବିଷୟବସ୍ତୁ ସୃଷ୍ଟି, ଅପଲୋଡ୍ ଏବଂ ସେୟାର କରିବାକୁ ନାଗରିକମାନଙ୍କୁ ସକ୍ଷମ କରିବା । ଉପଭୋକ୍ତା-ସୃଷ୍ଟ ବିଷୟବସ୍ତୁ (ୟୁଜର୍-ଜେନେରେଟେଡ୍ କଂଟେଂଟ)କୁ ପ୍ରୋତ୍ସାହିତ କରିବା ଏବଂ ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶିତ କରିବା ପାଇଁ ଏକ ମଂଚ ଭାବରେ ପରିକଳ୍ପିତ 'ଗଚ୍ଚଡଇଠରଝ' ଏବେ 'ଜେମ୍ସ ଅଫ୍ ଇଣ୍ଡିଆ' ଚ୍ୟାଲେଞ୍ଜ ପାଇଁ ଭିତିଭୂମି ଯୋଗାଉଛି, ଯାହା କ୍ରିଏଚରମାନଙ୍କୁ ପ୍ରାମାଣିକ ଡିଜିଟାଲ୍ କାହାଣୀ ପ୍ରସ୍ତୁତି (ଷ୍ଟୋରୀଟେଲିଂ) ମାଧ୍ୟମରେ ସେମାନଙ୍କ ଜିଲ୍ଲାର ଅନନ୍ୟ କାହାଣୀ କହିବାକୁ ଆହ୍ୱାନ କରେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଚଂଚଳ କୁମାର ସ୍ୱୀକାର କରିଛନ୍ତି ଯେ, 'ଭାରତର ପ୍ରତ୍ୟେକ ଜିଲ୍ଲାରେ ଏପରି କିଛି କାହାଣୀ ଅଛି ଯାହା ପ୍ରକାଶ ପାଇବାକୁ ଅପେକ୍ଷା କରିଛି, ଏବଂ 'ଜେମ୍ସ ଅଫ୍ ଇଣ୍ଡିଆ' ଆମ ସ୍ରଷ୍ଟାମାନଙ୍କୁ ତାହା କହିବା ପାଇଁ ଏକ ମଂଚ ପ୍ରଦାନ କରୁଛି । ଏହା ଆମ ଯୁବପିଢ଼ିଙ୍କ ସୃଜନଶୀଳତାକୁ ପାଳନ କରିବା ସହିତ ଆମ ଜିଲ୍ଲାଗୁଡ଼ିକର ଅସାଧାରଣ ବିବିଧତାକୁ ସମ୍ମାନିତ କରିବାର ଏକ ପ୍ରୟାସ ।'ଏହି ଚ୍ୟାଲେଞ୍ଜର ଉଦ୍ଦେଶ୍ୟ ହେଉଛି ଭାରତର ପ୍ରତ୍ୟେକ ଜିଲ୍ଲାର ସ୍ୱତନ୍ତ୍ର ପରିଚୟକୁ ପାଳନ କରିବା ସହ, କ୍ରିଏଚରମାନଙ୍କୁ ପ୍ରାମାଣିକ ଡିଜିଟାଲ୍ ଷ୍ଟୋରୀଟେଲିଂ ମାଧ୍ୟମରେ ସେମାନଙ୍କ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନ, ପରମ୍ପରା, ଇତିହାସ ଏବଂ ସ୍ୱତନ୍ତ୍ର ସଫଳତାଗୁଡ଼ିକୁ ପ୍ରଦର୍ଶିତ କରିବାକୁ ପ୍ରୋତ୍ସାହିତ କରି ସାରା ଦେଶରେ କ୍ରିଏଟରମାନଙ୍କର ଏକ ସକ୍ରିୟ ନେଟୱର୍କ ଗଠନ କରିବା । କିପରି ଅଂଶଗ୍ରହଣ କରିବେ: ଏହି ପ୍ରତିଯୋଗିତାରେ ଯୋଗଦେବା ପାଇଁ, କ୍ରିଏଟରମାନେ ୱେଭ୍ସ ଓଟିଟି ପ୍ଲାଟଫର୍ମର ମାଇୱେଭ୍ସ ବିଭାଗ ମାଧ୍ୟମରେ ୧ରୁ ୩ ମିନିଟର ଭିଡିଓ ଦାଖଲ କରିପାରିବେ । ପାଇଲଟ୍ ପର୍ଯ୍ୟାୟ ପାଇଁ ଦାଖଲ ୱିଣ୍ଡୋ ୧ ଅଗଷ୍ଟରୁ ୩୧ ଅଗଷ୍ଟ, ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ । ପାଇଲଟ୍ ପର୍ଯ୍ୟାୟ କଭରେଜ୍ ଏବଂ ସହଭାଗୀତା: ପାଇଲଟ୍ ପର୍ଯ୍ୟାୟ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦ୍ରା ଏବଂ ନଗର ହାଭେଲୀ ଏବଂ ଦାମନ ଏବଂ ଦିଉ, ଗୋଆ ଏବଂ ଲଦାଖରେ ଆରମ୍ଭ କରାଯାଉଛି । ଏହି ପର୍ଯ୍ୟାୟ ପ୍ରସାର ଭାରତୀ, ମାଇ ଭାରତ ଏବଂ ସମ୍ପୃକ୍ତ ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନ ସହିତ ଜଡିତ ଏକ ମିଳିତ ପ୍ରୟାସ ।

## ଆମେରିକାର ରୋଡ଼ସ୍ ଆଇଲ୍ୟାଣ୍ଡରେ ରଥଯାତ୍ରାର ଭବ୍ୟ ଆୟୋଜନ





ରୋଡ଼ସ ଆଇଲ୍ୟାଣ୍ଡ : ଯୁକ୍ତରାଷ୍ଟ୍ର ଆମେରିକାର ରୋଡ଼ସ ଆଇଲ୍ୟାଣ୍ଡ ରାଜ୍ୟରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି ।ଏହି ଉପଲକ୍ଷେ ଚାରି ଠାକୁର ବିରାଜମାନ କରୁଥିବା ୱାରୱିକ ସ୍ଥିତ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରକୁ ଖୁବ ସୁନ୍ଦର ଭାବରେ ସଜା ଯାଇଥିବା ଦେଖା ଯାଇଥିଲା । ଏଠାରେ ସକାଳେ ମୁଖ୍ୟ ପୂଜାରୀ ଚନ୍ଦ୍ର ଶେଖରଙ୍କ ଦ୍ୱାରା ମଙ୍ଗଳ ଆରତୀ, ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ନୀତିକାନ୍ତି ଆଦି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା । ରୋଡ଼ସ ଆଇଲ୍ୟାଣ୍ଡରେ ନବମ ଥର ପାଇଁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉପସ୍ଥିତ ଶତାଧିକ ଭକ୍ତଗଣଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ, ଅସୀମ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଦମ୍ୟ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଚଳିତବର୍ଷ ଘୋଷ ଯାତ୍ରାରେ ରୋଡ଼ସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିୟୁଜର୍ସି, କନେକ୍ଟିକଟ ଓ ମାସାଚ୍ୟୁଟସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଭାଗ ନେଇଥିବାର ଲକ୍ଷ୍ୟ କରାଯାଇଥିଲା । ଦିନ ସାଢ଼େ ୧୧ ଟାରେ ମନ୍ତ୍ରର ଗହଗହ ଉଚ୍ଚାରଣ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ତଥା ଶଙ୍ଖ, ଘଂଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘୋର ଘର୍ଘର ସ୍ୱର ଝଙ୍କାର ଦ୍ୱାରା ଗଗନ ପବନ ପ୍ରକମ୍ପିତ ହେବା ମଧ୍ୟରେ ଚାରି ଠାକୁରଙ୍କର ଧାଡ଼ି ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସେବାୟତ ଓ ସଙ୍ଗଠକମାନେ ସାହି ରୋଷଣୀ କରି ମନ୍ଦିର ସାମ୍ନାରେ ଦଣ୍ଡାୟମାନ ସୁନ୍ଦର, ସୁରମ୍ୟ ଓ ବିଭିନ୍ନ ରଙ୍ଗବେରଙ୍ଗ କପଡାରେ ସୁସଜ୍ଜିତ ନବ ନିର୍ମିତ ରଥ ଉପରକୁ ନେଇ ଆସୀନ କରାଯାଇଥିଲା । ଏଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କୁ ନଚେଇ ନଚେଇ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ରାଜଶ୍ରୀ ପଣ୍ଡା, ରଞ୍ଜିତା ପରିଡା, ସୁଦୀପା ନାୟକ ଏବଂ ଶ୍ରଦ୍ଧା ନାୟକ ପ୍ରମୁଖ ଶ୍ରୀଜିଉମାନଙ୍କୁ ଓ ସେମାନଙ୍କ ରଥକୁ ଖୁବ ସୁନ୍ଦର ଭାବରେ ଫୁଲ ମାଳ ସହିତ ସଜାଇ ଥିଲେ ।

## ଟିମ୍ ଇଣ୍ଡିଆକୁ ଫେରିବେ ମୟଙ୍କ



ନୂଆଦିଲ୍ଲୀ : ଇଂଲଣ୍ଡ ବିପକ୍ଷ ନିରାଶାକୁ ପଛରେ ପକାଇ, ଭାରତୀୟ କ୍ରିକେଟ ଦଳ ଏବେ ଜିମ୍ବାୱେ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବାକୁ ପ୍ରସ୍ତୁତ । ଶ୍ରେୟସ ଆୟର ଭାରତର ଟି-୨୦ ଦଳର ଅଧିନାୟକ ଦାୟିତ୍ୱ ନେବା ପରଠାରୁ ଦଳ ଗୋଟିଏ ବି ବିଜୟ ହାସଲ କରିନାହିଁ; ସେ ଏଠାରେ ତାଙ୍କର ଖାତା ଖୋଲିବାକୁ ଚାହିଁବେ । ଏହା ମଧ୍ୟରେ, ସମସ୍ତଙ୍କ ନଜର ଜଣେ ଭୟଙ୍କର ବୋଲରଙ୍କ ପ୍ରତ୍ୟାବର୍ତ୍ତନ ଉପରେ ରହିଛି । ସେ ହେଉଛନ୍ତି ମୟଙ୍କ ଯାଦବ । ମୟଙ୍କଙ୍କ ଆଘାତ ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରକୁ ପ୍ରକୃତରେ ଉପରକୁ ଉଠିବାରେ ବାଧା ଦେଇଛି । ମୟଙ୍କଙ୍କୁ ଭାରତୀୟ ବୋଲିଂର ଭବିଷ୍ୟତ ବୋଲିଂ ଭାବରେ ବିବେଚନା କରାଯାଏ ଏବଂ ଯଦି ସେ ଫର୍ମରେ ଥାଆନ୍ତି, ତେବେ ସେ ଯେକୌଣସି ବ୍ୟାଟିଂ ଲାଇନଅପକୁ ଅସୁବିଧାରେ ପକାଇପାରନ୍ତି । ମୟଙ୍କର ସିମ, ସ୍ୱିଙ୍ଗ ଏବଂ ଲାଇନ-ଏଣ୍ଡ-ଲେନ୍ଥ ସାଧାରଣତଃ ପ୍ରଶଂସା କରାଯାଏ । ସେ ଆଇପିଏଲରେ ୧୫୬.୭ କିମି/ଘଂଟା ବେଗରେ ବୋଲିଂ କରିଛନ୍ତି । ସେ ୨୦୨୪ ମସିହାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଲକ୍ଷ୍ନୌ ସୁପର ଜାଏଂଟସ ପାଇଁ ଖେଳୁଥିବା ସମୟରେ ଏହି ବଲ ପକାଇଥିଲେ । ସେ ସହଜରେ ୧୫୦ କିମି/ଘଂଟା ବେଗ ଛୁଇଁ ପାରନ୍ତି, ଯାହା ତାଙ୍କୁ ଜିମ୍ବାୱେ ଦଳ ବିପକ୍ଷରେ ଏକ ଶକ୍ତିଶାଳୀ ବିପଦ କରିଥାଏ । ଜିମ୍ବାୱେ ଖେଳାଳିମାନେ ଏତେ ଉଚ୍ଚ ଗତିର ସମ୍ମୁଖୀନ ହେବାରେ ଅଭ୍ୟସ୍ତ ନୁହଁନ୍ତି, ଯାହା ଦ୍ୱାରା ମୟଙ୍କଙ୍କ ବଲ୍ ସାମ୍ନା କରିବା କଷ୍ଟକର ହୋଇପାରେ ବୋଲି କୁହାଯାଉଛି । ମୟଙ୍କ ପୂର୍ବରୁ ଭାରତ ପାଇଁ ଡେବ୍ୟୁ କରିସାରିଛନ୍ତି । ସେ ଅକ୍ଟୋବର ୬, ୨୦୨୪ରେ ବାଂଲାଦେଶ ବିପକ୍ଷରେ ତାଙ୍କର ପ୍ରଥମ ମ୍ୟାଚ ଖେଳିଥିଲେ ଏବଂ ଦେଶ ପାଇଁ ତାଙ୍କର ସାମ୍ପ୍ରତିକ ମ୍ୟାଚ ସେହି ସିରିଜ ସମୟରେ ଅକ୍ଟୋବର ୧୨ରେ ସମାନ ଦଳ ବିପକ୍ଷରେ ଥିଲା ।

## ହକି ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା



ନୂଆଦିଲ୍ଲୀ : ଫୁଟବଲ, କ୍ରିକେଟ ପରେ ଏବେ ହକି । ଦେଶର ଗେମ୍ ପାଇଁ ବଡ଼ ପ୍ରସ୍ତୁତି ଆରମ୍ଭ ହୋଇଛି । ହକି ବିଶ୍ୱକପ ପାଇଁ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରିଛି ଏ ଫ ଆ ଇ ଏ ଚ୍ । ହରମନପ୍ରୀତ ସିଂହ ଲଗାତାର ଦ୍ୱିତୀୟ ଥର ପାଇଁ ପୁରୁଷ ହକି ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବେ । ପୂର୍ବତନ ଅଧିନାୟକ ମନପ୍ରୀତ ସିଂହ ମଧ୍ୟ ଦଳରେ ସାମିଲ ଅଛନ୍ତି । ଓଡ଼ିଆ ପ୍ଲେୟାର ଡିଫେଣ୍ଡର ଅମିତ୍ ରୋହି ଦାସଙ୍କ ଉପରେ ନଜର ରହିବ । ବଡ଼ ମଂଚ ପାଇଁ ପ୍ରସ୍ତୁତ ଟିମ୍ ଇଣ୍ଡିଆ । ଅଗଷ୍ଟ ୧୫ରୁ ୩୦ ଯାଏ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଖେଳାଯିବ ବିଶ୍ୱକପ ମୁକାବିଲା । ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ ବିଶ୍ୱାସ କରନ୍ତି ଯେ, ମନୋନୀତ ଟିମ୍ ପାଖରେ ଭାରତୀୟ ହକି ଇତିହାସରେ ନିଜର ଅଧ୍ୟାୟ ଲେଖିବା ପାଇଁ ସୁଯୋଗ ରହିଛି । ଏସିଆର ଶ୍ରେଷ୍ଠ ଡିଫେଣ୍ଡର ଏବଂ ଡ୍ରାଗ୍ ଫ୍ଲକର ହରମନପ୍ରୀତ ସିଂହ ନେତୃତ୍ୱ ନେବେ । ଭାରତର ସର୍ବାଧିକ କ୍ୟାପ୍ ହୋଇଥିବା ମିଡଫଲ୍ଡର ମନପ୍ରୀତ ସିଂହ ମଧ୍ୟ ଦଳରେ ସାମିଲ ଅଛନ୍ତି । ଯାହା ଅଭିଜ୍ଞ ଖେଳାଳି ଏବଂ ଉତ୍ସାହଜନକ ଯୁବ ପ୍ରତିଭାର ଏବଂ ସନ୍ତୁଳିତ କରିବ । ମୁଖ୍ୟ ପ୍ରଶିକ୍ଷକ ଫୁଲଟନ୍ ଦଳ ବିଷୟରେ କହିଛନ୍ତି, ଏହା ଏକ ସନ୍ତୁଳିତ ଦଳ । ଏହି ଦଳରେ ଟୁର୍ଣ୍ଣାମେଂଟର ଅଭିଜ୍ଞତା ଏବଂ ଫର୍ମରେ ଥିବା ଯୁବପିଢିର ସଠିକ୍ ମିଶ୍ରଣ ରହିଛି । ଖେଳାଳିମାନେ ପ୍ରତିଷ୍ଠା ନୁହେଁ, ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କର ସ୍ଥାନ ଅର୍ଜନ କରିଛନ୍ତି । ଗୋଲ କିପିଂରେ ମୋହିଥ ଏଚଏସ ଏବଂ ସୁରଜ କେର୍କେରା ଅଛନ୍ତି ।

## ଗ୍ରାମୀଣ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ : ସୁନ୍ଦରଗଡ଼ରେ ୫୦୦ରୁ ଅଧିକ ଯୁବ କ୍ରୀଡ଼ାବିତ୍ ସାମିଲ



ସୁନ୍ଦରଗଡ଼: ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧୀନରେ ଟ୍ରଷ୍ଟ ଅଫ୍ ପିପୁଲ୍ (ଟିଓପି)ର ସହଯୋଗରେ ପରିଚାଳିତ 'ଗ୍ରାମୀଣ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ' ବର୍ଷକ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସୁନ୍ଦରଗଡ଼ ଜିଲ୍ଲାର ୪୦ଟି ଗ୍ରାମରୁ ୫୦୦ରୁ ଅଧିକ ଯୁବ କ୍ରୀଡ଼ାବିତ୍‌ଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଅନେକ ଜଣ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ସୁନ୍ଦରଗଡ଼ ପାଇଁ ଗୌରବ ଆଣିଛନ୍ତି । ଅଗଷ୍ଟ ୨୦୨୫ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗ୍ରାମାଂଚଳର ପ୍ରତିଭାବାନ ଯୁବ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରି ଫୁଟବଲ୍, ଆଥଲେଟିକ୍ସ ଓ ଖୋ-ଖୋ କ୍ଷେତ୍ରରେ ବୃତିଗତ ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ପ୍ରଦାନ କରିବା । ବର୍ତ୍ତମାନ ପର୍ଯ୍ୟାୟରେ ୪୦୦ ଜଣ କ୍ରୀଡ଼ାବିତ୍‌ଙ୍କୁ ସାମିଲ କରିବାର ଲକ୍ଷ୍ୟ ରହିଥିବା ବେଳେ, ଏପର୍ଯ୍ୟନ୍ତ ୫୦୨ ଜଣ ପଞ୍ଜୀକୃତ ହୋଇ ସାରିଛନ୍ତି । ଏଥିମଧ୍ୟରେ ୪୦ ପ୍ରତିଶତରୁ ଅଧିକ ଝିଅ ଅଂଶଗ୍ରହଣ ରହିଛି । ଏହି ପଦକ୍ଷେପ ମାଧ୍ୟମରେ ପ୍ରତିଭାବାନ କ୍ରୀଡ଼ାବିତ୍‌ମାନଙ୍କୁ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ସହ କ୍ରୀଡ଼ା ଶିକ୍ଷାନୁଷ୍ଠାନରେ ନାମଲେଖା ଏବଂ କ୍ରୀଡ଼ା କୋଟାରେ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅଭିଯାନରେ ପ୍ରଶିକ୍ଷଣ ପାଇଥିବା କ୍ରୀଡ଼ାବିତ୍‌ମାନେ ବିଭିନ୍ନ ପ୍ରତିଯୋଗିତାରେ ଚମତ୍କାର ସଫଳତା ହାସଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ରଫିରେ ପ୍ରକଳ୍ପର ବାଳିକା ଫୁଟବଲ୍ ଦଳ ଜୋନାଲ୍ ଚାମ୍ପିଅନ୍ ହେବା ସହ ଇଂଟର-ଜୋନାଲ୍ ପ୍ରତିଯୋଗିତାରେ ରନର୍ସ-ଅପ୍ ହୋଇଥିଲା । ଏହି ଦଳର ଅନେକ ଖେଳାଳି ସୁନ୍ଦରଗଡ଼ ଜିଲ୍ଲା ଦଳରେ ସ୍ଥାନ ପାଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**